ସପ୍ତଦଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 | Rs. 7.00

ବର୍ଷ-୧୭, ସଂଖ୍ୟା-୦୧, ଭୁବନେଶ୍ୱର: ଜାନୁଆରୀ ୧୨-୧୮, ୨୦୨୬ | Vol-17, Issue-01, Bhubaneswar : January 12-18, 2026

RNI NO.ODIODI/2010/33715

# ମିଳିବ 'ସୁଭଦ୍ରା' ଟଙ୍କା

ଭୁବନେଶ୍ୱର: ଚଳିତ ସପ୍ତାହରେ ମିଳିବ 'ସୁଭଦ୍ରା' ଟଙ୍କା। 'ସୁଭଦ୍ରା' ସମୀକ୍ଷା ବୈଠକ ପରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ତାଙ୍କ ସୂଚନା ଅନୁଯାୟୀ ୪ଲକ୍ଷ ୫୭ହଜାର ୬୮୧ଜଣଙ୍କୁ ଖୁବ୍‌ଶୀଘ୍ର ମିଳିବ 'ସୁଭଦ୍ରା' ଟଙ୍କା। ନୂଆ ଭାବେ ଯୋଡ଼ି ହୋଇଥିବା ୧ ଲକ୍ଷ ୭୮ ହଜାର ୩୯୮ ହିତାଧିକାରୀଙ୍କୁ ମିଳିବ ପ୍ରଥମ କିସ୍ତିର ଟଙ୍କା। ଏହାସହ ବିଭିନ୍ନ କାରଣ ପାଇଁ କଟିଯାଇଥିବା ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ଏଥର ମିଳିବ ଟଙ୍କା। ସେହିପରି ତୃତୀୟ କିସ୍ତି ପାଇଥିଲେ କିନ୍ତୁ ପ୍ରଥମ, ଦ୍ୱିତୀୟ କିସ୍ତିରେ ତାଙ୍କ ନାମ ନଥିଲା ସେଭଳି ୨ ଲକ୍ଷ ୫୫ ହଜାର ୨୬୫ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବ। ଚଳିତ ସପ୍ତାହରେ ୨୫୦ କୋଟିରୁ ଅଧିକ ଟଙ୍କା ଆକାଉଣ୍ଟକୁ ଯିବ ବୋଲି ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି।

ପ୍ରକାଶ ଯେ ମହିଳା ଓ ଶିଶୁ ବିକାଶ ଆନୁକୂଲ୍ୟରେ ବିଭାଗୀୟ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ସୁଭଦ୍ରା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ଜାନୁଆରୀ ମାସରେ ସାଢ଼େ ୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ସୁଭଦ୍ରା ସହାୟତା ପ୍ରଦାନ କରାଯିବ ବୋଲି ଏହି ବୈଠକରେ ସ୍ଥିର କରାଯାଇଛି। ଏଥିରେ ୧ ଲକ୍ଷ ୭୮ ହଜାର ୩୯୮ ନୂତନ ପଞ୍ଜୀକୃତ ସୁଭଦ୍ରା ହିତାଧିକାରୀ, ଆଗରୁ କୌଣସି କାରଣରୁ ବାଦ ପଡ଼ିଥିବା ଓ ପରେ ଅଭିଯୋଗ ଶୁଣାଣିର ତଦନ୍ତ ଦ୍ୱାରା ଯୋଡ଼ିହୋଇଥିବା ୨୪ ହଜାର ୧୮ ଜଣ ହିତାଧିକାରୀ, ଅନ୍ୟ ୨ ଲକ୍ଷ ୫୫ ହଜାର ୨୨୬ ଜଣ ହିତାଧିକାରୀଙ୍କୁ ମିଶାଇ ସମୁଦାୟ ୪ ଲକ୍ଷ ୫୭ ହଜାର ୬୮୧ ଜଣ ହିତାଧିକାରୀଙ୍କୁ ବକେୟା ସୁଭଦ୍ରା ସହାୟତା କିସ୍ତି ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ ତଥ୍ୟ ଦିଆଯାଇଛି। ଏହି ବୈଠକରେ ଆସନ୍ତା ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ମାର୍ଚ୍ଚ ୮ରେ ପ୍ରଦାନ କରିବାକୁ ଥିବା ଚତୁର୍ଥ କିସ୍ତି ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ଚତୁର୍ଥ କିସ୍ତି ସୁନିଶ୍ଚିତ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା।

ତେଜସ୍ୱିନୀ

## ବିଶେଷ ଦୃଷ୍ଟି ଆକର୍ଷଣ

- ଗୁଡ଼ି ସଂଗ୍ରହାଳୟ
- ମହାଭାରତରୁ ଶିକ୍ଷା
- ନିଆରା ପ୍ରଜାପତି
- ସୋସିଆଲ ମିଡିଆ

## ୮ ବିଭାଗର ୧୧ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

# ଅକ୍ଷୟ ଶକ୍ତି ପାଇଁ ଟାଟା ବିନିଯୋଗ କରିବ ୧୦ ହଜାର କୋଟି

ଭୁବନେଶ୍ୱର: ଟାଟା ପାୱାର ଅକ୍ଷୟ ଶକ୍ତି ଲିମିଟେଡ୍ ଦ୍ୱାରା ଏକ ସମନ୍ୱିତ ଇନ୍‌ଗଟ୍-ୱେଫର ଏବଂ ସୌର ସେଲ୍ ଉତ୍ପାଦନ ପ୍ରକଳ୍ପକୁ ଓଡ଼ିଶାର ଟାଟା ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଏସ୍‌ଇଜେଡ୍)ରେ ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ରାଜ୍ୟରେ ଏହା ପ୍ରଥମ ପ୍ରକାରର ସୌର ଉତ୍ପାଦନ କେନ୍ଦ୍ର ଭାବରେ ପ୍ରତିଷ୍ଠା ହେବ। ଏହି ପ୍ରକଳ୍ପ ଦୁଇଟି ପର୍ଯ୍ୟାୟରେ ବିକଶିତ ହେବ। ଏହାର ସାମଗ୍ରିକ କ୍ଷମତା ୧୦ ଜିଡବ୍ଲ୍ୟୁ ଇନଗଟ୍-ୱେଫର ଏବଂ ୫ ଜିଡବ୍ଲ୍ୟୁ ସୌର ସେଲ୍ ଉତ୍ପାଦନ ହେବ। ପ୍ରାୟ ୧୦ ହଜାର କୋଟି ନିବେଶ ହେବ। ୫,୦୦୦ରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ଏଥିରେ ଉଚ୍ଚ-ଦକ୍ଷତା-କୁଶଳୀ ନିଯୁକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ୩୪ ତମ ବୈଠକ ବସିଥିଲା। ଏଥିରେ ମୋଟ୍ ୮ଟି ବିଭାଗର ୧୧ଟି ପ୍ରସ୍ତାବରେ ମୋହର ବାଜିଛି। ତନ୍ମଧ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୩ଟି, ଜଳସମ୍ପଦ ବିଭାଗର ୨ଟି, ଶିଳ୍ପ, ଗୃହ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ପର୍ଯ୍ୟଟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ରାଜସ୍ୱ ଆଦି ବିଭାଗରେ ଗୋଟିଏ କରି ପ୍ରସ୍ତାବ ଅନ୍ତର୍ଭୁକ୍ତ। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏହି ସୂଚନା ଦେଇଥିଲେ। ସେ କହିଥିଲେ ଯେ ଟାଟା ପାୱାର ନବୀକରଣୀୟ ଶକ୍ତି ଲିମିଟେଡର ସମନ୍ୱିତ ସୌର ଉତ୍ପାଦନ ସୁବିଧାକୁ ଓଡ଼ିଶା କ୍ୟାବିନେଟ ଅନୁମୋଦନ କରିଛି। ଏଭଳି ଅକ୍ଷୟ ଶକ୍ତି ଉତ୍ପାଦନର ଅନୁକୂଳ ପରିବେଶ ସୃଷ୍ଟି କରି ଡାଉନ୍‌ଷ୍ଟ୍ରିମ୍ ଏବଂ ଆନୁଷଙ୍ଗିକ ନିବେଶକୁ ସୁଲଭ କରିବ। ସୌର ଶକ୍ତି ଉତ୍ପାଦନରେ ଓଡ଼ିଶା ଆତ୍ମ ନିର୍ଭର ହୋଇପାରିବ। ୨୦୩୦ ସୁଦ୍ଧା ୧୦୦ ଜିଡବ୍ଲ୍ୟୁ ଘରୋଇ ସୌର ମଡ୍ୟୁଲ୍ ଉତ୍ପାଦନ କ୍ଷମତା ହାସଲ କରବାର ଭାରତର ଲକ୍ଷ୍ୟକୁ ସହଜ ମଧ୍ୟ କରିବ। ଏହା କାଚ, ରାସାୟନିକ ପଦାର୍ଥ, ପ୍ୟାକେଜିଂ, କ୍ଷେତ୍ରରେ ସହାୟକ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ମଧ୍ୟ ପ୍ରୋତ୍ସାହିତ ହାସଲ କରିବା ସହ ଟିକସ ରାଜସ୍ୱ ବୃଦ୍ଧି କରିବ। ଶ୍ରୀମତୀ ଗର୍ଗ କହିଥିଲେ ଟାଟା ପାୱାର ପୂର୍ବରୁ ଭାରତରେ ବଡ଼ ଧରଣର ସୌର ସେଲ୍ ଏବଂ ମଡ୍ୟୁଲ୍ ଉତ୍ପାଦନ କାର୍ଯ୍ୟ କରୁଥିବାରୁ ଏହି ପ୍ରକଳ୍ପ ଓଡ଼ିଶାର ଶିଳ୍ପ ଭିତ୍ତିଭୂମି, ଶିଳ୍ପ ନୀତିରେ ସ୍ଥିରତା ଏବଂ ସୁବିଧା ପ୍ରତି ନିବେଶକଙ୍କ ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରୁଛି। ଏହି ପ୍ରକଳ୍ପ ସବୁଜ ଶିଳ୍ପାୟନ, ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଉତ୍ପାଦନ ଏବଂ ଶିଳ୍ପ ବିବିଧତା ପାଇଁ ରାଜ୍ୟର ଦୃଷ୍ଟିକୋଣ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିବା ସହ ଭାରତରେ ଅକ୍ଷୟ ଶକ୍ତି ଉପକରଣ ଉତ୍ପାଦନ ପାଇଁ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବରେ ସ୍ଥାନିତ କରିବ ବୋଲି ମୁଖ୍ୟ ଶାସନ ସଚିବ ସ୍ପଷ୍ଟ କରିଛନ୍ତି।

# ଜଳ ଜୀବନ ମିଶନ ଯୋଜନାରେ ଓଡ଼ିଶା ସରକାରଙ୍କୁ ଅନୁମତି

ଭୁବନେଶ୍ୱର: ଜଳ ଜୀବନ ମିଶନ ଯୋଜନାରେ ଧାର୍ଯ୍ୟ କେନ୍ଦ୍ରୀୟ ଅନୁଦାନ ରାଶିକୁ ଅଗ୍ରୀମ ଭାବେ ରାଜ୍ୟ ସରକାର ବହନ କରି କେନ୍ଦ୍ରୀୟ ଅନୁଦାନ ଆସିଲା ପରେ ଭରଣା କରିବା ପାଇଁ ଓଡିଶା ସରକାରଙ୍କୁ ଅନୁମତି ଦେବା ସମ୍ବନ୍ଧୀୟ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ନୂଆ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ଚାଲୁ ରଖିବା ଏବଂ ନିର୍ଦ୍ଧାରିତ ସମୟରେ ସମାପ୍ତ କରି ସଂସ୍ଥା ଏବଂ ଠିକାଦାରମାନଙ୍କୁ କାର୍ଯ୍ୟ କରିବାରେ ଉତ୍ସାହିତ କରିବା, ପୂର୍ବରୁ ନିର୍ମାଣାଧୀନ ପ୍ରକଳ୍ପରେ ବିନିଯୋଗ ହୋଇଥିବା ଅର୍ଥକୁ ସୁରକ୍ଷା ଦେବା, ଅପରିହାର୍ଯ୍ୟ ଖର୍ଚ୍ଚର ବୃଦ୍ଧିକୁ ଏଡ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ହର ଘର ଜଳ ପ୍ରମାଣପତ୍ର ହାସଲ କରିବା, ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ସଠିକ ସମୟରେ ପାନୀୟଜଳ ଯୋଗାଇ ଦେବା ପାଇଁ ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ହିଁ ଉକ୍ତ ବ୍ୟବସ୍ଥାର ଅଂଶ ବିଶେଷ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଏହି ପଦକ୍ଷେପ ସମ୍ପୂର୍ଣ୍ଣ ଭାବରେ ଏକ ସାମୟିକ ଆର୍ଥିକ ବ୍ୟବସ୍ଥା। ଏହା କେନ୍ଦ୍ର ସରକାରଙ୍କ ଠାରୁ ନିର୍ଦ୍ଧାରିତ ଅର୍ଥ ପ୍ରାପ୍ତି ପରେ ସମ୍ପୂର୍ଣ୍ଣ ଭାବରେ ସମାଧାନ ହୋଇପାରିବ।

# 'ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ'

ଭୁବନେଶ୍ୱର: ଓଡ଼ିଶାରେ ଏବେ ବ୍ୟାପକ ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଜକୁ କୌଣସି କ୍ଷେତ୍ରରେ ଦକ୍ଷ କରାନ୍ତୁ, ଦେଖିବେ ଆମରି ଓଡ଼ିଶାରେ ହିଁ ଆପଣଙ୍କୁ ନିଯୁକ୍ତି ମିଳିବ। କାରଣ ଦକ୍ଷତା କ୍ଷେତ୍ରର ସମସ୍ତ ସ୍ତରରେ ଉତ୍କର୍ଷତା ହାସଲ କରିବା ହେଉଛି ଆମର ଲକ୍ଷ୍ୟ। ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ ପାଇଁ ଏବଂ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ ଆବଶ୍ୟକ। ଆମର ମୂଳଲକ୍ଷ୍ୟ ହେଉଛି ଲୋକଙ୍କୁ ସଶକ୍ତ କରିବା। ଆମର ଯୁବବର୍ଗ ଯେତେ ପରିମାଣରେ ଦକ୍ଷ ହେବେ, ଆତ୍ମବିଶ୍ୱାସୀ ହେବେ, ସେମାନେ ନିଜର ଭବିଷ୍ୟତକୁ ଉଜ୍ଜ୍ୱଳ କରି ଗଢ଼ି ପାରିବେ। ଯାହା ୨୦୩୬ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିପାରିବ। ଯୁବବର୍ଗଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଲେ, ଓଡ଼ିଶାର ଭବିଷ୍ୟତ ମଧ୍ୟ ଉଜ୍ଜ୍ୱଳ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ଓଡ଼ିଶା ଦକ୍ଷତା ପ୍ରତିଯୋଗିତା ୨୦୨୫-୨୬ର ସମାପନୀ ସମାରୋହରେ ରାଜ୍ୟର ଦକ୍ଷ ଓ ଯୁବ କୁଶଳୀ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ଏହି ଦକ୍ଷତା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୫୪ ଜଣଙ୍କୁ ସ୍ୱର୍ଣ୍ଣ, ୫୩ ଜଣଙ୍କୁ ରୌପ୍ୟ ଏବଂ ୫୦ ଜଣଙ୍କୁ ବ୍ରୋଞ୍ଜ ପଦକ ଦେଇ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ସ୍ୱର୍ଣ୍ଣ ବିଜେତା ମାନଙ୍କୁ ୨୫ ହଜାର, ରୌପ୍ୟ ବିଜେତାଙ୍କୁ ୨୦ ହଜାର ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୧୫ ହଜାର ଟଙ୍କା କ୍ୟାସ୍ ପ୍ରାଇଜ ଓ ମାନପତ୍ର ଦିଆଯାଇଥିଲା।

ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଓଡ଼ିଶା ଦକ୍ଷତା ପ୍ରତିଯୋଗିତା କେବଳ ଏକ ପ୍ରତିଯୋଗିତା ନୁହେଁ ବରଂ ନୂତନ ଓଡ଼ିଶାର ସାମୂହିକ ଆକାଂକ୍ଷାକୁ ପ୍ରଦର୍ଶନ କରୁଛି। ଏହା ପ୍ରତିଭା ଚିହ୍ନଟ, ଉତ୍କର୍ଷତାକୁ ପ୍ରୋତ୍ସାହନ ଏବଂ ବୃହତ୍ ଜାତୀୟ ଓ ଅନ୍ତର୍ଜାତୀୟ ସୁଯୋଗ ଦେଇପାରିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂହ, ବିଭାଗୀୟ କମିଶନର ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଏଣିକି ଥାନାରେ ରହିବେ କ୍ରାଇମ୍ ସିନ୍ ଅଫିସର୍

ଭୁବନେଶ୍ୱର: ଚୋରି ହେଉ ଅବା ମର୍ଡର, ଦୁଷ୍କର୍ମ ହେଉ କି ରାହାଜାନୀ। ଏଣିକି ଫିଙ୍ଗର ପ୍ରିଣ୍ଟ ଲିଭିଯିବାର ଭୟ ନାହିଁ, ଡିଜିଟାଲ ଏଭିଡେନ୍ସ ନଷ୍ଟ ହେବାର ଡର ନାହିଁ କି ପ୍ରମାଣ ଅଭାବରୁ ଦୋଷୀ ନିର୍ଦ୍ଦୋଷରେ ଖଲାସ ହେବାର ଚାନ୍ସ ନାହିଁ। କାରଣ ପୂର୍ବରୁ କ୍ରାଇମ୍ ସ୍ପଟରୁ ନଷ୍ଟ ହୋଇଯାଉଥିବା ସାଇଣ୍ଟିଫିକ୍ ପ୍ରମାଣ ଏଣିକି ଅକ୍ଷତ ରଖିବେ କ୍ରାଇମ୍ ସିନ୍ ଅଫିସର।

ଭାରତୀୟ ନ୍ୟାୟ ସଂହିତାରେ ସାଇଣ୍ଟିଫିକ୍ ପ୍ରମାଣକୁ ଗୁରୁତ୍ୱ ଦିଆଯାଉଥିବାରୁ ରାଜ୍ୟ ପୁଲିସ ମଧ୍ୟ ଏ ଦିଗରେ ପଦକ୍ଷେପ ନେବା ଆରମ୍ଭ କରିଛି। ଫରେନ୍‌ସିକ୍ ଟିମ୍ ଆସିବା ପର୍ଯ୍ୟନ୍ତ ପ୍ରାଥମିକ ଭାବେ ଅପରାଧ ସ୍ଥଳରେ କିଭଳି ପ୍ରମାଣ ଅକ୍ଷତ ରହିବ ସେ ନେଇ ଧ୍ୟାନ ଦେବେ ଏଇ ସ୍ୱତନ୍ତ୍ର ଅଧିକାରୀ। ଏଥିପାଇଁ ପୁଲିସ ଡିଜିଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ଥାନାରେ ଦୁଇ ଜଣ ଲେଖାଏଁ ଅପରାଧ ସ୍ଥଳ ନିରୀକ୍ଷଣ ଅଧିକାରୀ ନିଯୁକ୍ତ ହେବେ। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥିବା ବିଶେଷ କରି ସାଇନ୍ସ ଡିଗ୍ରିଧାରୀ କନଷ୍ଟେବଲ ଓ ହୋମଗାର୍ଡଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ନିଯୁକ୍ତ ହେବାକୁ ଥିବା ୭୪ ଜଣ କ୍ରାଇମସିନ୍ ଅଫିସରଙ୍କ ପାଇଁ ଯା ଭିତରେ ଭୁବନେଶ୍ୱରରେ ପ୍ରଶିକ୍ଷଣ ଶିବିର ବି ଆରମ୍ଭ ହୋଇଯାଇଛି।

# ଶିକ୍ଷିତ ଦେଶବିରୋଧୀ

ଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜବିରୋଧୀ କାର୍ଯ୍ୟରେ ସାମିଲ ହେବା ଏକ ବିପଜ୍ଜନକ ଧାରା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନିକଟରେ ବିବୃତି ଦେବା ଅନେକଙ୍କୁ ବ୍ୟଥିତ କରିବା କଥା। ରାଜସ୍ଥାନର ଉଦୟପୁରସ୍ଥିତ ଭୁପାଲ ନୋବେଲ ୟୁନିଭର୍ସିଟିର ୧୦୪ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ସେ ଶିକ୍ଷିତଙ୍କ ପାଇଁ ଦେଶରେ ହ୍ୱାଇଟ କଲାର ଆତଙ୍କବାଦ ମୁଣ୍ଡ ଟେକିଛି ବୋଲି କହିବା ବେଳେ ୨୦୨୫ ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲାରେ କାର ବୋମା ବିସ୍ଫୋରଣରେ ଡାକ୍ତରଙ୍କ ସମ୍ପୃକ୍ତି ଥିବା ବିଷୟକୁ ସମ୍ଭବତଃ ଇଙ୍ଗିତ କରିଛନ୍ତି। ଆତଙ୍କବାଦ ସହିତ ଡାକ୍ତର ଜଡ଼ିତ ହେବା ନିଶ୍ଚିତ ନିନ୍ଦନୀୟ। କିନ୍ତୁ ତାହାକୁ ନେଇ ସମଗ୍ର ଶିକ୍ଷିତ ସମାଜକୁ ଗୋଟିଏ ଚଷମାରେ ଦେଖାଯିବା ଉଚିତ ନୁହେଁ। ପୂର୍ବରୁ ଆଜିକାର ଶାସକ ଦଳ ଶିକ୍ଷିତ ସହରବାସିନ୍ଦାଙ୍କୁ ‘ଅର୍ବାନ ନକ୍ସଲ’ ଆଖ୍ୟା ଦେଇ ସମାଲୋଚନା କରିଆସୁଥିଲେ। ସମ୍ଭବତଃ ବିଭିନ୍ନ କ୍ଷେତ୍ରରେ ଆଜିର ସରକାରଙ୍କ ନୀତି ବିଫଳ ହେବା ଯୋଗୁ ସେହି ଦୁଇ ଶବ୍ଦକୁ ଏବେ ବ୍ୟବହାର କରିବା ପରିବର୍ତ୍ତେ ସମଗ୍ର ଶିକ୍ଷିତ ସମାଜ ଉପରେ ଆକ୍ରମଣ ଆରମ୍ଭ କରାଯାଉଛି। ସମସ୍ତଙ୍କ ମନେଅଛି ଯେ, ପୂର୍ବରୁ ଯେତେବେଳେ କୌଣସି ଆକ୍ରମଣ ହେଉଥିଲା ସେତେବେଳେ ମୁସଲମାନ ସମ୍ପ୍ରଦାୟକୁ ଦୋଷ ଦେବା ସହିତ ପାକିସ୍ତାନର ମସ୍ତଧାରେ ହୋଇଛି ବୋଲି କୁହାଯାଉଥିଲା। ‘ଅପରେଶନ ସିନ୍ଦୂର’ ଏବେ ବି ଚାଲୁରହିଛି ବୋଲି ରାଜନାଥ ସିଂ ଏବଂ ଅନ୍ୟ ବରିଷ୍ଠ ନେତାମାନେ ବାରମ୍ବାର ଦାବି କରିଆସୁଥିବା ବେଳେ ଗତବର୍ଷ ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ଘଟିଗଲା। ସେହି ବିସ୍ଫୋରଣ ଯେଉଁ ବିଫଳତା ଦର୍ଶାଇଲା ତାହା ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଦୁହିଁଙ୍କୁ ଇଙ୍ଗିତ କରୁଛି। ଏହି ବିସ୍ଫୋରଣ ପରେ ପାକିସ୍ତାନର ନାଁ ନେବାକୁ ଦିଲ୍ଲୀ ପୋଲିସ କିମ୍ବା ଭାରତୀୟ ଗୋଇନ୍ଦା ସଂସ୍ଥାର ସାହସ ପାଇଲା ନାହିଁ। ଏଭଳି ପ୍ରଚ୍ଛଦପଟରେ ଦେଖିବାକୁ ଗଲେ ପ୍ରତିରକ୍ଷା ମନ୍ତ୍ରୀଙ୍କ କହିବା ଅନୁଯାୟୀ ଶିକ୍ଷିତଙ୍କ ଅର୍ଥ ସ୍କୁଲ କିମ୍ବା କଲେଜରେ ପାଠ ପଢ଼ିଥିବା ଭାରତୀୟଙ୍କ ପରିବର୍ତ୍ତେ ‘ଶିକ୍ଷିତ ସମାଜ’ର ଅର୍ଥ ହେଉଛି ଯେଉଁମାନେ ସରକାରଙ୍କ ବିଫଳତା ବୁଝି ବ୍ୟବସ୍ଥାକୁ ପ୍ରଶ୍ନ କରୁଛନ୍ତି। ଗଣତନ୍ତ୍ରରେ ଶିକ୍ଷିତ ସମାଜ ପ୍ରଶ୍ନ କରିବା ସ୍ୱାଭାବିକ। ଅନ୍ୟପଟେ ସମ୍ପୂର୍ଣ୍ଣ ଅଶିକ୍ଷିତ ତାଙ୍କର ମନର ଚାହିଦା ଅନୁଯାୟୀ ଭୋଟ ଦେଇଥାନ୍ତି। ତେବେ ମଧ୍ୟ-ଶିକ୍ଷିତ ହେଉଛନ୍ତି ସମାଜ ପାଇଁ ସବୁଠାରୁ ଅଧିକ କ୍ଷତିକାରକ। ସେହିମାନେ ପ୍ରଶ୍ନ କରିବାକୁ ଇଚ୍ଛାକରନ୍ତି ନାହିଁ କିମ୍ବା ଭୁଲ୍ ଦେଖିବାରେ ସମୟ ଦେବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ। ସେହି ଗୋଷ୍ଠୀ ସମ୍ପୂର୍ଣ୍ଣ ଭାବେ ସ୍ୱାର୍ଥପର ହୋଇ ଦେଶର ମଙ୍ଗଳ ପରିବର୍ତ୍ତେ ନିଜର ସୁବିଧାକୁ ଦେଖିଥାନ୍ତି ଏବଂ ସ୍ରୋତ ସହିତ ବହିଯିବାକୁ ଆଗଭର ହୁଅନ୍ତି। ତେଣୁ ସେଭଳି ଶିକ୍ଷିତଙ୍କୁ ନେଇ ଭିଡ଼ କରିବା ସହଜ ହୋଇଥାଏ। ଯେଉଁମାନେ ବ୍ୟବସ୍ଥାକୁ ପ୍ରଶ୍ନ କରନ୍ତି, ସେମାନେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରନ୍ତି।

ଆଶ୍ଚର୍ଯ୍ୟ ଲାଗେ, ଗତ ୧୧ ବର୍ଷର ଇତିହାସ ମଧ୍ୟରେ ଭାରତ ଭିତରେ କେତେ ପ୍ରକାରର ବିଭାଜନ ସୃଷ୍ଟି କରାଯିବାର ଚେଷ୍ଟା କରାଗଲାଣି। ନିର୍ବାଚନବେଳେ ହିନ୍ଦୁ-ମୁସଲମାନ ବିଭାଜନ, ବିମୁଦ୍ରୀକରଣ ବେଳେ ଧନୀ-ଗରିବ ବିଭାଜନ, ଚାଷୀ ଆନ୍ଦୋଳନ ବେଳେ ଭାରତ-ଖଲିସ୍ତାନ ବିଭାଜନ, ହିନ୍ଦୀ-ଅଣହିନ୍ଦୀ ଭାଷୀଙ୍କ ମଧ୍ୟରେ ବିଭାଜନ, ନିର୍ବାଚନ ଦୂରରେ ଥିବାବେଳେ ଉଚ୍ଚ ଜାତି ଓ ନୀଚ ଜାତି ମଧ୍ୟରେ ବିଭାଜନ, ରାଜନୈତିକ ଦୃଷ୍ଟିକୋଣରୁ ସୁହାଉଥିବା ଗୋଷ୍ଠୀ ଦେଶପ୍ରେମୀ ଆଖ୍ୟା ପାଇଲାବେଳକୁ ବିରୋଧୀଙ୍କୁ ଦେଶଦ୍ରୋହୀ କହି ବିଭାଜନ, ଐତିହାସିକ ଦୃଷ୍ଟିକୋଣରୁ କୁହାଯାଉଛି ଭାରତରେ ପୂର୍ବରୁ ଯାହା କରାଯାଉଥିଲା ତାହା ଥିଲା ତ୍ରୁଟିପୂର୍ଣ୍ଣ ଏବଂ ୨୦୧୪ ପରେ କେବଳ ଦେଶ ହିତକାରୀ ହେଉଛି ବୋଲି କୁହାଯାଇ ସେଥିରେ ମଧ୍ୟ ବିଭାଜନ; ଏହିଭଳି ଆହୁରି ଅନେକ ବିଷୟକୁ ନେଇ ବିଭାଜନ ସୃଷ୍ଟି କରାଯାଉଥିବାବେଳେ ଏବେ ପ୍ରଶ୍ନ କରୁଥିବା ଶିକ୍ଷିତ ନାଗରିକଙ୍କୁ ହ୍ୱାଇଟ୍ କଲାର ଅତଙ୍କବାଦର ଆଖ୍ୟା ଦିଆଯିବାର ଅର୍ଥ ହେଉଛି ସେମାନଙ୍କ ବ୍ୟତୀତ ଅନ୍ୟମାନେ ସମସ୍ତେ ଦେଶପ୍ରେମୀ। ଏହା ଏକ ନୂଆ ବିଭାଜନ। ଓଡ଼ିଆରେ ଢଗ ଅଛି-‘ଚାଲି ନ ଜାଣି ବାଟର ଦୋଷ’। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଓ ଗୋଇନ୍ଦା ବିଫଳତାକୁ ଦୋଷ ନ ଦେଇ ରାଜନାଥ ଶିକ୍ଷିତମାନେ ଦେଶ ବିରୋଧରେ କାର୍ଯ୍ୟ କରୁଛନ୍ତି ବୋଲି ସାର୍ବଜନୀନ ମନ୍ତବ୍ୟ ଦେବା ତାଙ୍କ ଦୁର୍ବଳତାକୁ ଦର୍ଶାଉଛି।

# ପାରିବାରିକ ଉତ୍ତରଦାୟିତ୍ୱ

ମାନବର ଅତ୍ୟଧିକ ମାଦକ ଦ୍ରବ୍ୟ ସେବନ ଏବଂ ଅମାନବୀୟ ଚାରିତ୍ରିକ ସ୍ଖଳନ ସମାଜର ମେରୁଦଣ୍ଡକୁ ଭାଙ୍ଗିବାକୁ ବସିଛି। କିଛି ପରିବାରରେ ଏହା ଆଭିଜାତ୍ୟର ରୂପ ନେଇସାରିଛି। ଆଉ କିଛି ପରିବାରରେ ଜ୍ୟେଷ୍ଠମାନଙ୍କର କନିଷ୍ଠଙ୍କୁ ଆକଟ କରିବାରେ ସାମର୍ଥ୍ୟ ନାହିଁ। ଏହାକୁ ରୋକିବ କିଏ? ଯଦି ରୋକା ନ ଯାଏ ତେବେ ଏ ଦେଶର କ’ଣ ଅବସ୍ଥା ହେବ?

ଭାରତୀୟମାନେ ମୋଗଲ, ଇଂରେଜ ତଥା ବିଭିନ୍ନ ଏକଚ୍ଛତ୍ରବାଦୀ ଶାସକଙ୍କ ଦ୍ୱାରା ଶାସିତ ହୋଇଛନ୍ତି। ସମୟ କ୍ରମେ ସେହି ଶାସକମାନଙ୍କର କୁସଂସ୍କାର ପ୍ରଭାବରେ ଭାରତୀୟ ପ୍ରଭାବିତ ହୋଇଛନ୍ତି। ଏହି କୁସଂସ୍କାର ସାମାଜିକ ବ୍ୟାଧିର ରୂପ ନେଇସାରିଛି। ଭାରତୀୟମାନେ ବିଶୃଙ୍ଖଳିତ ପରମ୍ପରାରେ ପରିଚାଳିତ ହେବା ଦ୍ୱାରା ପାରିବାରିକ ଅଶାନ୍ତି, ଅସମୟରେ ମୃତ୍ୟୁ ଏବଂ ମାନବ ଭିତରେ ଭେଦଭାବ ସୃଷ୍ଟି ହୋଇଛି। କିଏ ରୋକିବ ଏ ସବୁ ବିଶୃଙ୍ଖଳାକୁ। କାରଣ ସମାଜର ଶୃଙ୍ଖଳା ସେତେବେଳେ ରକ୍ଷା ହୁଏ ଯେତେବେଳେ ମାନବର ନୈତିକ ଜ୍ଞାନ ରୁହେ। ନୈତିକ ଜ୍ଞାନ ଆହରଣ ପାଇଁ ତିନୋଟି ପ୍ରମୁଖ ମାର୍ଗ ଅଛି। ପ୍ରଥମତଃ ନିଜ ଘରେ ଜ୍ୟେଷ୍ଠମାନଙ୍କଠାରୁ କନିଷ୍ଠମାନେ ନୈତିକ ମୂଲ୍ୟବୋଧ ଶିକ୍ଷା କରନ୍ତି। କିନ୍ତୁ ବର୍ତ୍ତମାନ ଅନେକ ଘରେ ମୁରବିଙ୍କୁ କନିଷ୍ଠମାନେ ସମ୍ମାନ ଦେଉନାହାନ୍ତି। ଅନେକ କ୍ଷେତ୍ରରେ ମୁରବିମାନଙ୍କର ନୈତିକତା ହ୍ରାସ ହୋଇଛି। ବିଭାଜନକାରୀ ରାଜନୀତି, ଅନ୍ୟାୟ ମାର୍ଗରେ ଧନ ଅର୍ଜନ, ନିଶାଦ୍ରବ୍ୟ ସେବନ ଏବଂ ଚାରିତ୍ରିକ ସ୍ଖଳନରେ ଯଦି ଘରର ମୁରବିମାନେ ପୌରୋହିତ୍ୟ କରିବେ ତେବେ ଶିଶୁ କ’ଣ ବା ଶିକ୍ଷା କରିବେ। ନୈତିକତାଶିକ୍ଷାର ଦ୍ୱିତୀୟ ମାର୍ଗ ହେଉଛି ସମାଜର ପ୍ରତିଷ୍ଠିତ ବ୍ୟକ୍ତିଙ୍କଠାରୁ ଶିକ୍ଷା ଗ୍ରହଣ। କିନ୍ତୁ ସମାଜର ଅନେକ ବିଶିଷ୍ଟ ବ୍ୟକ୍ତି ଯଦ୍ୟପି ନିଜନିଜ କର୍ମ କ୍ଷେତ୍ରରେ ବିଶିଷ୍ଟ କିନ୍ତୁ ନୈତିକତା ହ୍ରାସ ତାଙ୍କର ବ୍ୟକ୍ତିଗତ ଜୀବନର କାଳିମା ହୋଇଛି। ବିଶେଷତଃ ଯୁବସମାଜ ସଂଗୀତ, ନୃତ୍ୟ ଏବଂ ଚଳଚ୍ଚିତ୍ର ଜଗତର ବିଶିଷ୍ଟ କଳାକାରମାନଙ୍କର ଅନୁଗାମୀ ହେଉଛନ୍ତି। ସେହି ବିଶିଷ୍ଟ କଳାକାରମାନେ ଯଦି ଶୃଙ୍ଖଳିତ ଜୀବନ ଅତିବାହିତ କରନ୍ତେ ତେବେ ଦେଶର ଯୁବସମାଜ ଖୁବ୍ ସଂଯତ ହୋଇପାରନ୍ତେ। ଏଇ କିଛି ବର୍ଷର ବ୍ୟବଧାନରେ ଓଡ଼ିଶାରେ ଅନେକ ବିଶିଷ୍ଟ କଳାକାରଙ୍କର ନିଶାସେବନଜନିତ ଅକାଳ ମୃତ୍ୟୁ, ବମ୍ବେର ଫିଲ୍ମ ଜଗତରେ ନାଁ କମେଇଥିବା ବରିଷ୍ଠ କଳାକାରମାନଙ୍କର ନିଶାଦ୍ରବ୍ୟ କାରବାରରେ ସମ୍ପୃକ୍ତି ତଥା ଚାରିତ୍ରିକ ସ୍ଖଳନ ସୂଚେଇଦେଉଛି ସମାଜ ଉପରେ ଏହା କେତେ କୁପ୍ରଭାବ ପକାଇଛି। ଯେଉଁ କିଛି ଉତ୍ତମ କଳାକାର ନିଜ କଳା ସହିତ ସମାଜ ମଙ୍ଗଳ ପାଇଁ ପ୍ରୟାସ କରନ୍ତି ସେମାନେ ହାତଗଣତି ମାତ୍ର। ଶାସ୍ତ୍ର କୁହେ ମହାଜନ ଯେନ ଗତଃ ସ ପନ୍ଥା। ଅର୍ଥାତ୍ ମହାନ ବ୍ୟକ୍ତିମାନେ ଯେଉଁ ସୁନ୍ଦର ରାସ୍ତାରେ ଯାଇଛନ୍ତି ତାହା ହିଁ ପରବର୍ତ୍ତୀ ପିଢିର ମାର୍ଗ ହେଉ। କିନ୍ତୁ ଆଜିର ସମାଜରେ ମହାଜନଙ୍କୁ ଚିହ୍ନିବା କଷ୍ଟକର। ତେଣୁ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ସମାଜ ସଂସ୍କାରର ଶିକ୍ଷା ଗ୍ରହଣ କରିବା ସଫଳ ହେଉନାହିଁ।

ସମାଜ ସଂସ୍କାରର ତୃତୀୟ ମାର୍ଗ ହେଉଛି ନୈତିକ ଜ୍ଞାନ ଆଧାରିତ ପୁସ୍ତକ। ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକରେ ଯଦି ନୈତିକ ଆଧାରିତ ଶିକ୍ଷା ଦିଆଯାଏ ତେବେ ତାହା ସେମାନଙ୍କ ଜୀବନକୁ ଶୃଙ୍ଖଳିତ କରେ। ତେଣୁ ପୂର୍ବରୁ ପଞ୍ଚତନ୍ତ୍ର ଏବଂ ହିତୋପଦେଶ ପ୍ରଭୃତି କଥା ମାଧ୍ୟମରେ କୋମଳମତି ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା ଦିଆଯାଉଥିଲା। ବଣଜଙ୍ଗଲର କଥା ପାଠ୍ୟପୁସ୍ତକରେ ରହିବା ଦ୍ୱାରା ପିଲାମାନେ ଅରଣ୍ୟ ଏବଂ ପରିବେଶ ସୁରକ୍ଷା ଦିଗରେ ସଚେତନ ହେଉଥିଲେ। ବିଭିନ୍ନ ବିଶ୍ୱମଙ୍ଗଳ ପ୍ରାର୍ଥନା ଦ୍ୱାରା ପିଲାମାନେ ବିଶ୍ୱକୁ ସମାନ ଦୃଷ୍ଟିରେ ଦେଖୁଥିଲେ। ବେଦରେ ବର୍ଣ୍ଣିତ ଅଗ୍ନି, ବାୟୁ, ଜଳ, ପର୍ବତ, ବୃକ୍ଷଲତା ପ୍ରଭୃତି ପ୍ରାକୃତିକ ସମ୍ପଦର ସମ୍ମାନ ମନ୍ତ୍ର ମାଧ୍ୟମରେ ଶିକ୍ଷା ଦିଆଯାଉଥିଲା, ଯଦ୍ଦ୍ୱାରା ମାନବ ପ୍ରକୃତିକୁ ନଷ୍ଟ କରିବନାହିଁ। ରାମାୟଣର ସମାଜ ସଂସ୍କାର, ମହାଭାରତର ଶାନ୍ତି ପ୍ରତିଷ୍ଠା, ଉପନିଷଦର ଯମ ନଚିକେତା ସଂବାଦ ପ୍ରଭୃତି ମାନବକୁ ସତ୍ ମାର୍ଗ ପ୍ରଦର୍ଶିତ କରୁଥିଲା। ଆଜି କିନ୍ତୁ ଏ ସବୁକୁ ଧର୍ମ ଗ୍ରନ୍ଥର ରୂପ ଦେଇ ପାଠ୍ୟକ୍ରମରୁ ଦୂରେଇ ରଖାଗଲା। ଭାରତ ଏକ ସର୍ବଧର୍ମ ସମନ୍ୱୟର ରାଷ୍ଟ୍ର ହେଲା। ଏଠି ସମାଜ ସଂସ୍କାର ଦିଆଯାଉଥିବା ଗ୍ରନ୍ଥଗୁଡ଼ିକ ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମରେ ବାରଣ କରାଗଲା। ଆଜିର ପିଲା କେବଳ ପାଠ ବ୍ୟତୀତ କୌଣସି ସଂସ୍କାରମୂଳକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଲା ନାହିଁ। ତେଣୁ ତୃତୀୟ ମାର୍ଗଟି ବନ୍ଦ ହୋଇଗଲା।

ବର୍ତ୍ତମାନ ବିଚାର କରିବା ଏ ତିନୋଟି ଯାକ ରାସ୍ତା ବନ୍ଦ ହୋଇଯିବାର ଫଳାଫଳ। ବର୍ତ୍ତମାନ ଭାରତରେ କ୍ୱଚିତ୍ ପରିବାରରେ ସଂସ୍କାର ନାମକ ଶବ୍ଦ ସାକାର ରୂପ ନେଉଛି। ପ୍ରତି ପରିବାର ଆଜି ନିଜ ପିଲାମାନଙ୍କର ଭବିଷ୍ୟତକୁ ନେଇ ଅନ୍ଧକାର ଭିତରେ ରହିଛି। ପରିବାରରେ ନୂତନ ପ୍ରଥା ସ୍ଥାନ ପାଇଛି, ପିଲାମାନେ ଦଶ ବାରବର୍ଷର ହୋଇଗଲେ ବାପା ମା’ଙ୍କ ମୁହଁରେ ଜବାବ ଦେଉଛନ୍ତି। ସେମାନେ ନିଜକୁ ସ୍ୱତନ୍ତ୍ର ମନେକରୁଛନ୍ତି। ମୋବାଇଲରୁ ଭଲ ତଥ୍ୟ ବଦଳରେ ଖରାପ ତଥ୍ୟ ଶୁଣିବା ଏବଂ ଦେଖିବା ପାଇଁ ବାପା ମା’ଙ୍କଠାରୁ ଆରମ୍ଭ କରି ପିଲାମାନଙ୍କ ପର୍ଯ୍ୟନ୍ତ ପ୍ରତିଯୋଗିତା। ଯୋଗ, ଧ୍ୟାନ, ସକାଳସଂଧ୍ୟାରେ ଠାକୁର ପୂଜା, ଗୁରୁଜନଙ୍କୁ ମୁଣ୍ଡିଆ ମାରିବା ଇତ୍ୟାଦି ସଂସ୍କାର ସମ୍ପୂର୍ଣ୍ଣ ବିଲୀନ। ଘରୋଇ ଖାଦ୍ୟ ପ୍ରତିବଦଳରେ ନାନା ପ୍ରକାର ହାନିକାରକ ଖାଦ୍ୟ। ବସ୍ତ୍ର ପରିଧାନରେ ମାନବର ବିକୃତ ମାନସିକତା। ଏଭଳି ଅନେକ ସାମାଜିକ ବିଶୃଙ୍ଖଳା ପ୍ରତି ଘରେ ରୂପନେଇଛି। ଏ ସବୁ ବର୍ତ୍ତମାନ ନିୟନ୍ତ୍ରଣ ବାହାରେ। ଏଭଳି ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ସଜାଗ ହେବାର ଆବଶ୍ୟକତା ରହିଛି। ପ୍ରତି ପରିବାରରୁ ପିଲାମାନଙ୍କୁ ସଂସ୍କାର ଦିଆ ନ ଗଲେ କେହି ମଧ୍ୟ ଶାନ୍ତିରେ ରହିପାରିବେ ନାହିଁ। ଏଥିପାଇଁ ନିଜେ ସତର୍କ ରହିବା ସହିତ ସନ୍ତାନସନ୍ତତିଙ୍କୁ ନୈତିକ ଜ୍ଞାନ ଦେବା ଅନିବାର୍ଯ୍ୟ। ଧର୍ମଗ୍ରନ୍ଥଗୁଡ଼ିକର ଶିକ୍ଷଣୀୟ ତତ୍ତ୍ୱ ପିଲାଙ୍କୁ ବାଲ୍ୟକାଳରୁ ଜଣେଇବା ଜ୍ୟେଷ୍ଠଙ୍କ କର୍ତ୍ତବ୍ୟ ହେଉ। ପ୍ରତି ଶିକ୍ଷାନୁଷ୍ଠାନ ସଜାଗ ହେବାର, ପ୍ରତିଷ୍ଠିତ ବ୍ୟକ୍ତିଙ୍କର ସମାଜ ପ୍ରତି କର୍ତ୍ତବ୍ୟବୋଧ ଜାଗ୍ରତ ହେବାର ସମୟ ଆସିଛି। ଏବେ ବି ଯଦି ସମାଜକୁ ସଂସ୍କାରଠାରୁ ଦୂରେଇ ରଖିବା ତେବେ ସେ ସମୟ ବେଶି ଦିନ ନାହିଁ ଯେତେବେଳେ କାଳ ସମସ୍ତଙ୍କୁ ଗ୍ରାସ କରିଦେବ।

# ଅଭିନବତ୍ୱ ଲାଭଦାୟକ

ସାରା ବିଶ୍ୱରେ ମହିଳାମାନେ ବାର୍ଷିକ ପ୍ରାୟ ୩୨ ଟ୍ରିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ ପରିଚାଳନା ଏବଂ ଆଗାମୀ ୫ ବର୍ଷ ମଧ୍ୟରେ ସେମାନେ ଇଚ୍ଛାନୁମୋଦିତ ଖର୍ଚ୍ଚର ୭୫ ପ୍ରତିଶତ ନିୟନ୍ତ୍ରଣ କରିପାରିବେ ବୋଲି ଆକଳନ କରାଯାଉଛି। ତଥାପି ପ୍ରାୟ ପ୍ରତ୍ୟେକ ଶିଳ୍ପ ସେମାନେ ଆବଶ୍ୟକ କରୁଥିବା ଉତ୍ପାଦ ଯୋଗାଇପାରୁନାହାନ୍ତି। ଅନେକ ଦଶନ୍ଧି ଧରି କମ୍ପାନୀଗୁଡ଼ିକ ପିଙ୍କ୍ ପ୍ୟାକେଜିଂ, ଟୋକୋନ ଫିମେଲ୍ ଫ୍ରେଣ୍ଡ୍‌ଲି କ୍ୟାମ୍ପେନ ଏବଂ ତଥାକଥିତ ପିଙ୍କ୍ ଟ୍ୟାକ୍ସ ଭଳି ଭାବନାତ୍ମକ ଧାରଣା ଉପରେ ନିର୍ଭରକରି ଆସିଛନ୍ତି, ଯେଉଁଥିରେ ଉତ୍ପାଦ ପାଇଁ ମହିଳାଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡୁଛି। ଏଗୁଡ଼ିକ ମଧ୍ୟରୁ ଅନେକ ବ୍ୟକ୍ତିଗତ ଉତ୍ପାଦ ମାର୍କେଟ ଆଢୁଆଳରେ ରହିଯାଉଛି। ପରିଣାମ ସ୍ୱରୂପ ମହିଳାଙ୍କ ଆବଶ୍ୟକ ଉତ୍ପାଦ ଓ କମ୍ପାନୀ ଯୋଗାଣ ମଧ୍ୟରେ ଅଭାବ ପରିଲକ୍ଷିତ ହେଉଛି। ଏହାକୁ ଦୂରକରିବାକୁ ହେଲେ ମହିଳାଙ୍କ ପ୍ରାଥମିକତା, ନିଷ୍ପତ୍ତି, କ୍ୟାରିୟର ଏବଂ ବ୍ୟକ୍ତିଗତ ଜ୍ଞାନକୁ ବିଚାରକୁ ନେଇ ଉତ୍ପାଦ ଓ ସେବା ଢାଞ୍ଚା ଗଢ଼ି ତୋଳିବାକୁ ପଡ଼ିବ। ଅତୀତରୁ ମହିଳାମାନେ ଯେଉଁ ସେବା ଓ ଉତ୍ପାଦ ଗ୍ରହଣକରି ଆସୁଛନ୍ତି ବାସ୍ତବରେ ସେସବୁ ସେମାନଙ୍କ ପାଇଁ ପ୍ରସ୍ତୁତ କରାଯାଇ ନ ଥିବା ମନେହେଉଛି। ଏହାର ପ୍ରମାଣ ସବୁଠି ଦେଖିବାକୁ ମିଳେ। ବ୍ୟକ୍ତିଗତ ସୁରକ୍ଷା ପାଇଁ ଥିବା ଉପକରଣ ପ୍ରାୟତଃ ସେମାନଙ୍କ ଲାଗି ଉପଯୁକ୍ତ ହୋଇ ନ ଥାଏ। ଉଦାହରଣ ସ୍ୱରୂପ, ଧରିବା ପାଇଁ ସ୍ମାର୍ଟଫୋନଗୁଡ଼ିକ ଆକାର ବଡ଼ ହୋଇଥାଏ। ପୁରୁଷଙ୍କ ଡେଟାକୁ ସାଧାରଣ ମାନଦଣ୍ଡ ଭାବେ ବ୍ୟବହାର କରାଯାଉଥିବାବେଳେ ମହିଳାଙ୍କୁ ଅଣଦେଖା କରାଯାଉଛି ଏବଂ ମାର୍କେଟ ବିକଶିତ ହୋଇପାରୁନାହିଁ। ଏହି ଦୃଷ୍ଟିକୋଣ ଏବକାର ଅନିୟୋଜିତ ଅଭିନବତ୍ୱ ବା ନୂତନତ୍ୱ ବିକାଶକୁ ସୂଚିତ କରୁଛି।

ବିତ୍ତୀୟ ସେବା କଥା ବିଚାର କରାଯାଉ। ବିଶ୍ୱରେ ସମ୍ପତ୍ତି କ୍ଷେତ୍ରକୁ ପ୍ରତିବର୍ଷ ମହିଳାଙ୍କ ଯୋଗଦାନ ହେଉଛି ୫ ଟ୍ରିଲିୟନ ଡଲାର, କିନ୍ତୁ ଉତ୍ପାଦଗୁଡ଼ିକ ଏଯାବତ ପୁରୁଷଙ୍କ ରୋଜଗାର ଧାରା ଓ ପ୍ରାଥମିକତାକୁ ଦେଖି ଯୋଗାଇ ଦିଆଯାଉଛି। ପରିବାର ବଜେଟର ଏକ ବୃହତ୍ ଅଂଶକୁ ମହିଳାମାନେ ପରିଚାଳନା କରୁଥିବା ସତ୍ତ୍ୱେ ପୁରୁଷଙ୍କ ତୁଳନାରେ ସେମାନେ କମ୍ ବିତ୍ତୀୟ କୁଶଳ ବୋଲି ଅନୁଭବ କରୁଛନ୍ତି। ଏପରିକି ବିଉଟି, ପର୍ସନାଲ କେୟାର ଏବଂ ଗ୍ରୋସରି ଭଳି ପାରମ୍ପରିକ ମହିଳାକୈନ୍ଦ୍ରିକ ଶିଳ୍ପଗୁଡ଼ିକ ମହିଳାଙ୍କର କେବଳ ଦୁଇ ତୃତୀୟାଂଶ ଆବଶ୍ୟକତା ପୂରଣ କରୁଛି ବୋଲି ସେମାନେ ଅନୁଭବ କରନ୍ତି। ଅନେକ ବ୍ରାଣ୍ଡ୍ ଲଗାତର ଗୁଣବତ୍ତା ବଦଳରେ ମାର୍କେଟିଂକୁ ଗୁରୁତ୍ୱ ଦେଉଥିବାବେଳେ ଅଧିକାଂଶ ମହିଳା କହନ୍ତି ଯେ, ସେମାନେ ସୁରକ୍ଷିତ,ଉଚ୍ଚ ଗୁଣବତ୍ତା କିମ୍ବା ଅଧିକ ସୁବିଧାଜନକ ବିକଳ୍ପ ପାଇଁ ୧୫% ଅଧିକ ଅର୍ଥ ଦେବାକୁ ପଡୁଛି। ଏହାକୁ ବନ୍ଦ କରିବା ପାଇଁ କମ୍ପାନୀଗୁଡ଼ିକ ମହିଳାଙ୍କ ସହ ଜଡ଼ିତ ଏବକାର ଉତ୍ପାଦଗୁଡ଼ିକ ବଦଳରେ ବାସ୍ତବରେ ସେମାନେ ଯାହା ଉପରେ ଗୁରୁତ୍ୱ ଦେଉଛନ୍ତି ତାହା ଉପରେ ନଜର ଦେବା ଉଚିତ।

ସ୍ୱାସ୍ଥ୍ୟସେବାରେ କମ୍ପାନୀଗୁଡ଼ିକର ଭାଗୀଦାରି ଅନ୍ୟ ତୁଳନାରେ ଅଧିକ ରହିଛି, ଯେଉଁଠାରେ ମହିଳାଙ୍କ ଅଭିଜ୍ଞତାକୁ ଅଣଦେଖା କରିବା ଜୀବନ ପରିବର୍ତ୍ତନକାରୀ ପରିଣାମ ହୋଇପାରେ। ପରିବାରର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମହିଳାମାନେ ୮୩% ନିଷ୍ପତ୍ତି ନେଉଥିବାବେଳେ କେବଳ ୪୧% ମହିଳା କହନ୍ତି ଯେ, ସେମାନଙ୍କ ସମସ୍ୟା ସମାଧାନ ହୋଇପାରୁଛି। ହୃଦ୍ ?ରୋଗ, ଅସ୍ଥି, ମାନସିକ ଓ ଋତୁସ୍ରାବ ସମ୍ବନ୍ଧିତ ସ୍ୱାସ୍ଥ୍ୟ ସମସ୍ୟାର କମ୍ ପରୀକ୍ଷଣ ଓ ଚିକିତ୍ସା ହେଉଛି। ଆମେରିକାରେ ଏହିସବୁ ସ୍ୱାସ୍ଥ୍ୟ ସମସ୍ୟାର ଉତ୍ପାଦ ଓ ସେବା ୧୦୦ ବିଲିୟନ ଡଲାରରୁ ଅଧିକ। ହେଲେ ହୃଦ୍‌ରୋଗ ଯୋଗୁ ମହିଳାଙ୍କର ଅଧିକ ମୃତ୍ୟୁ ହେଉଛି, ଯାହା ଦର୍ଶାଉଛି ଏଥିରେ ବଡ଼ ସମସ୍ୟା ଅଛି। ଏହାର ଚିହ୍ନଟ ଓ ଚିକିତ୍ସା କମ୍ ହେଉଛି କାରଣ ସ୍କ୍ରିନିଂ ଓ ପ୍ରୋଟୋକଲ ପୁରୁଷଙ୍କ ଲକ୍ଷଣ ଆଧାରରେ ପ୍ରସ୍ତୁତ କରାଯାଇଛି। ଏହି ଭେଦଭାବ ଦୂରକରାଯାଇପାରିଲେ ହୃଦ୍‌ଜନିତ ରୋଗର ମାର୍କେଟ ୭୪% ବୃଦ୍ଧି ଘଟି ୨୦୩୦ ସୁଦ୍ଧା ୨୦ ବିଲିୟନ ଡଲାରରେ ପହଞ୍ଚିଯିବ। ଏହି ପ୍ରକାର ଗତିବିଧି ପ୍ରାୟ ସବୁ ଶିଳ୍ପରେ ଚାଲୁଛି। ମହିଳାଙ୍କୁ ବାଦ୍‌ଦେବା ଯୋଗୁ ମାର୍କେଟଗୁଡ଼ିକର କ୍ଷମତା କମ୍ ରହୁଥିବା ଲକ୍ଷ୍ୟ କରାଯାଉଛି।

# ପରମାଣୁ କ୍ଷମତାକୁ ବ୍ୟାପକ କରିବ ଭାରତ

ନୂଆଦିଲ୍ଲୀ: ଭାରତ ଏବେ ନିଜ ଆଣବିକ କ୍ଷମତାକୁ ବ୍ୟାପକ କରିବା ଦିଗରେ ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ରିପୋର୍ଟ ଅନୁସାରେ ଦେଶର ସବୁଠାରୁ ବଡ଼ ସରକାରୀ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ଏନ୍‌ଟିପିସି (ନ୍ୟାସନାଲ ଥର୍ମାଲ ପାୱାର କର୍ପୋରେସନ୍) ଏବେ ଦେଶରେ ପରମାଣୁ ଶକ୍ତି କ୍ଷମତା ବୃଦ୍ଧି କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛି। ଦେଶରେ ସ୍ୱଚ୍ଛ ଶକ୍ତିର ବ୍ୟବହାର ବଢ଼ାଇବା ଲକ୍ଷ୍ୟରେ ଏନ୍‌ଟିପିସି ଓଡ଼ିଶା ସମେତ ପ୍ରାୟ ୬ଟି ରାଜ୍ୟ (ଗୁଜରାଟ ଏବଂ ମଧ୍ୟପ୍ରଦେଶ ସମେତ)ରେ ପ୍ରାୟ ୩୦ଟି ସମ୍ଭାବ୍ୟ ସ୍ଥାନକୁ ଚିହ୍ନଟ କରିଛି ଏବଂ ଏସବୁ ସ୍ଥାନରେ ଅନୁଧ୍ୟାନ ପ୍ରକ୍ରିୟା ଆରମ୍ଭ କରିଦେଇଛି। ତେବେ ନିର୍ଦ୍ଦିଷ୍ଟ ସ୍ଥାନ ସମ୍ପର୍କରେ କୌଣସି ସୂଚନା ଦେବାକୁ ଏନ୍‌ଟିପିସି ଏବେ ସିଧାସଳଖ ମନା କରିଦେଇଛି। ଏନ୍‌ଟିପିସି ଦର୍ଶାଇଛି ଯେ, ଏହି ପ୍ରକଳ୍ପ ଏହାର ସ୍ୱଚ୍ଛ ଶକ୍ତି ପୋର୍ଟଫୋଲିଓ ବିସ୍ତାର କରିବାର ଏକ ଯୋଜନାର ଅଂଶ ବିଶେଷ। ତେବେ ଚଳିତ ବର୍ଷ ମଧ୍ୟଭାଗ ସୁଦ୍ଧା ସ୍ଥାନ ଚୟନ ଚୂଡ଼ାନ୍ତ ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷେ ଏନ୍‌ଟିପିସିର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସୂତ୍ରରେ ସୂଚନା ଦେଇଛନ୍ତି ଯେ, ଏସବୁ ନୂତନ ପରମାଣୁ କେନ୍ଦ୍ରଗୁଡ଼ିକ ଜନବସତିଠାରୁ ଅତିକମରେ ୧ କିଲୋମିଟର ଦୂରରେ, କମ୍ ଭୂକମ୍ପ ପ୍ରବଣ ଅଞ୍ଚଳ ଏବଂ ଜଳଉତ୍ସ ନିକଟରେ ନିର୍ମାଣ କରାଯିବ।

ଏନ୍‌ଟିପିସି ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ କମ୍ପାନୀ ୨୦୪୭ ସୁଦ୍ଧା ଭାରତର ୧୦୦ ଗିଗାୱାଟ୍ ପରମାଣୁ ଶକ୍ତି କ୍ଷମତାରେ ପହଞ୍ଚିବା ପାଇଁ ଜାତୀୟ ଲକ୍ଷ୍ୟର ୩୦% ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ଏନ୍‌ଟିପିସି ଫ୍ରାନ୍ସ କମ୍ପାନୀ ଇଡିଏଫ୍ ଏବଂ ରୁଷୀୟ କମ୍ପାନୀ ରୋସାଟମ୍ କର୍ପୋରେସନ୍ ସହ ଏକ ଚୁକ୍ତି ମଧ୍ୟ ସ୍ୱାକ୍ଷର କରିଛି। ସୁତରାଂ ଆଗାମୀ ଦିନରେ ସମ୍ଭାବ୍ୟ ଯୋଗାଣକାରୀଙ୍କ ସହିତ ବୈଷୟିକ ବିବରଣୀ ଆଲୋଚନା କରିବା ପାଇଁ ଏନ୍‌ଟିପିସି ଫ୍ରାନ୍ସ ଓ ରୁଷ୍ ସମେତ ଅନ୍ୟ ଦୁଇ ଦେଶ ଆମେରିକା ଏବଂ ଦକ୍ଷିଣ କୋରିଆ ଅଂଶୀଦାରମାନଙ୍କ ସହିତ ମଧ୍ୟ ଆଲୋଚନା ଆରମ୍ଭ କରିବ।

### ଭାରତ ବିରୋଧରେ ବାଂଲାଦେଶର କାର୍ଯ୍ୟାନୁଷ୍ଠାନ

# ବନ୍ଦ କଲା ଭିସା ସେବା

ଢ଼ାକା, ନୂଆଦିଲ୍ଲୀ: ବଢୁଥିବା ଦ୍ୱିପାକ୍ଷିକ ଉତ୍ତେଜନା ମଧ୍ୟରେ ବାଂଲାଦେଶ ଏବେ ଏକ ବଡ଼ ନିଷ୍ପତ୍ତି ନେଇଛି। ରିପୋର୍ଟ ଅନୁସାରେ ବାଂଲାଦେଶ ସରକାର ଏବେ ଭାରତୀୟ ନାଗରିକଙ୍କ ପାଇଁ ଭିସା ସେବା ଉପରେ ବ୍ୟାପକ କଟକଣା ଲଗାଇଛନ୍ତି। ବାଂଲାଦେଶ ସରକାରଙ୍କ ଏସମ୍ପର୍କିତ ନିର୍ଦ୍ଦେଶନାମା ଜାରି ହେବା ପରେ ପରେ ଭାରତର କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ସହରରେ ଥିବା ବାଂଲାଦେଶ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ମଧ୍ୟ ଏହାକୁ କଡାକଡି ଭାବେ ପାଳନ କରିବା ଆରମ୍ଭ କରିଛନ୍ତି। ପ୍ରକାଶ, ଗତ ମାସ ଡିସେମ୍ବର ୨୨ ତାରିଖରେ ଦିଲ୍ଲୀସ୍ଥିତ ବାଂଲାଦେଶ ଦୂତାବାସ ନିକଟରେ ବ୍ୟାପକ ବିରୋଧ ପ୍ରଦର୍ଶନ ପରେ ବାଂଲାଦେଶ ହାଇକମିଶନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭିସା ସେବାକୁ ସ୍ଥଗିତ ରଖିଥିଲେ। ଏବେ କୋଲକାତା, ମୁମ୍ବାଇ, ତ୍ରିପୁରା ଏବଂ ଚେନ୍ନାଇରେ ଥିବା ବାଂଲାଦେଶୀ ମିଶନରେ ଭାରତୀୟଙ୍କ ପାଇଁ ପର୍ଯ୍ୟଟକ ଏବଂ ଅନ୍ୟାନ୍ୟ ଭିସା ସେବାକୁ ମଧ୍ୟ ସ୍ଥଗିତ ରଖାଯାଇଛି।ଢାକା ଟ୍ରିବ୍ୟୁନ୍ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ବାଂଲାଦେଶର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ବୁଧବାର ରାତିରେ ଏପ୍ରକାର ଏକ ନିଷ୍ପତ୍ତି ନେଇଛି। ଫଳରେ ବ୍ୟବସାୟ ଏବଂ ଶିକ୍ଷା ଭିସା ବ୍ୟତୀତ ସମସ୍ତ ବର୍ଗର ଭିସାକୁ ଗୁରୁବାର ଠାରୁ ପ୍ରଭାବୀ ଢ଼ଙ୍ଗରେ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛି ବାଂଲା ବିଦେଶ ମନ୍ତ୍ରଣାଳୟ। ଏହାର ଅର୍ଥ ବାଂଲାଦେଶ ଏବେ କେବଳ ବ୍ୟବସାୟ ଏବଂ ଶିକ୍ଷା ତଥା ନିଯୁକ୍ତି ଭିସା ଆବେଦନକୁ ହିଁ ବାଂଲାଦେଶ ଅନୁମତି ଦେଇଛି। ମନ୍ତ୍ରଣାଳୟ କହିଛି ଯେ କୋଲକାତାରେ ଥିବା ବାଂଲାଦେଶ ଡେପୁଟି ହାଇକମିଶନରେ କନସୁଲାର ଏବଂ ଭିସା ସେବା ବନ୍ଦ କରାଯାଇଛି, ମୁମ୍ବାଇ ଏବଂ ଚେନ୍ନାଇରେ ଥିବା ଏହାର ମିଶନରେ ଭାରତୀୟଙ୍କ ପାଇଁ ପର୍ଯ୍ୟଟକ ଏବଂ ଅନ୍ୟାନ୍ୟ ଭିସା ସେବା ମଧ୍ୟ ସ୍ଥଗିତ ରଖାଯାଇଛି। ପଡ଼ୋଶୀମାନଙ୍କ ମଧ୍ୟରେ ଚାଲିଥିବା ଉତ୍ତେଜନାକୁ ନେଇ ସୁରକ୍ଷା ଚିନ୍ତାର ପୃଷ୍ଠଭୂମିରେ ଏହି ନିଷ୍ପତ୍ତି ନିଆଯାଇଛି। ଗୋଟିଏ ପଟେ ବାଂଲାଦେଶରେ ଚାଲିଥିବା ହିନ୍ଦୁ ବିରୋଧୀ ଅପରାଧ ତଥା ହତ୍ୟାକାଣ୍ଡର ପ୍ରତିବାଦ ସ୍ୱରୂପ ବାଂଲାଦେଶକୁ ଭାରତରେ ବୟକଟ୍ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଥିବା ମଧ୍ୟରେ ଭାରତୀୟ କ୍ରିକେଟର ପ୍ରିମିୟର ଲିଗ୍ ଆଇପିଏଲ୍‌ରୁ ବାଂଲାଦେଶ ଖେଳାଳିଙ୍କୁ ବାଦ୍ ଦିଆଯାଇଥିଲା। ବିସିସିଆଇର ଏପ୍ରକାର କାର୍ଯ୍ୟାନୁଷ୍ଠାନରେ ପ୍ରତିଶୋଧ ପରାୟଣ ହୋଇ ବାଂଲାଦେଶ ଏପ୍ରକାର ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ବାଂଲାଦେଶ ପୂର୍ବରୁ ଭାରତ ଚିଟାଗଙ୍ଗ ଠାରେ ଥିବା ଭାରତୀୟ ଭିସା ଆବେଦନ କେନ୍ଦ୍ର (ଆଇଭାକ୍) ବନ୍ଦ କରିଦେଇଥିଲା ଏବଂ ଏହାର ଭିସା ସେବା ସ୍ଥଗିତ କରିଥିଲା।

# ଆସନ୍ତା ମାସରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍

ନୂଆଦିଲ୍ଲୀ: ନିଜ ସରକାରୀ ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ଏଆଇ ଷ୍ଟାର୍ଟଅପ୍‌ଙ୍କ ସହ ଏକ ଗୋଲଟେବୁଲ ବୈଠକ କରିଛନ୍ତି। ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଯାଉଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ଅନ୍ତର୍ଗତ 'ସମସ୍ତଙ୍କ ପାଇଁ ଏଆଇ : ଗ୍ଲୋବାଲ ଇମ୍ପାକ୍ଟ ଆହ୍ୱାନ' ଲାଗି ଯୋଗ୍ୟତା ଅର୍ଜନ କରିଥିବା ୧୨ଟି ଭାରତୀୟ ଷ୍ଟାର୍ଟଅପ୍ ଏଥିରେ ସାମିଲ ହେବା ପୂର୍ବକ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ସେମାନଙ୍କର ଚିନ୍ତାଧାରା ଓ କାର୍ଯ୍ୟର ଉପସ୍ଥାପନା କରିଥିଲେ। ଏହି ଷ୍ଟାର୍ଟଅପ୍‌ଗୁଡ଼ିକ ସ୍ୱାସ୍ଥ୍ୟସେବା, ବହୁଭାଷୀ ଏଲ୍‌ଏଲ୍‌ଏମ୍, ମ୍ୟାଟେରିଆଲ ରିସର୍ଚ୍ଚ, ଡାଟା ଆନାଲିଟିକ୍ସ, ଇଞ୍ଜିନିୟରିଂ ସିମୁଲେସନ୍ ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଷ୍ଟାର୍ଟଅପ୍‌ଗୁଡ଼ିକ ଏଆଇ କ୍ଷେତ୍ରର ଦ୍ରୁତ ଅଭିବୃଦ୍ଧି ଏବଂ ବିଶାଳ ଭବିଷ୍ୟତ ସମ୍ଭାବନା ଉପରେ ଆଲୋକପାତ କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଏଆଇ ନବସୃଜନ ଏବଂ ନିୟୋଜନର କେନ୍ଦ୍ର ଭାରତକୁ ସ୍ଥାନାନ୍ତରିତ ହେଉଛି। ଏହି ପରିପ୍ରେକ୍ଷୀରେ ଷ୍ଟାର୍ଟଅପ୍‌ଗୁଡ଼ିକ ଏଆଇ ଇକୋସିଷ୍ଟମକୁ ଆଗକୁ ବଢାଇବା ପାଇଁ ଭାରତର ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଷ୍ଟାର୍ଟଅପ୍ ଏବଂ ଏଆଇ ଉଦ୍ୟୋଗୀମାନେ ଭାରତର ଭବିଷ୍ୟତର ସହ-ନିର୍ମାତା ବୋଲି ଅଭିହିତ କରିଛନ୍ତି। ଆଜିର ବୈଠକରେ ସାମିଲ ହୋଇଥିବା ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ ଯେ ଭାରତୀୟ ଏଆଇ ମଡେଲଗୁଡ଼ିକ ସ୍ଥାନୀୟ ଏବଂ ସ୍ୱଦେଶୀ କଣ୍ଟେଣ୍ଟ ଏବଂ ଆଞ୍ଚଳିକ ଭାଷାକୁ ପ୍ରୋତ୍ସାହିତ କରିବା ଉଚିତ। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

# ଫେବୃଆରୀ ୧ରେ ପୂର୍ଣ୍ଣାଙ୍ଗ ବଜେଟ୍

ନୂଆଦିଲ୍ଲୀ: ୨୦୨୬-୨୭ ଅର୍ଥ ବର୍ଷ ପାଇଁ ସଂସଦ ଉଭୟ ସଦନରେ ଆଗତ ହେବ ପୂର୍ଣ୍ଣାଙ୍ଗ ବଜେଟ୍। ଭାରତ ସରକାରଙ୍କ ସୁପାରିଶ କ୍ରମେ, ରାଷ୍ଟ୍ରପତି, ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ବଜେଟ୍ ଅଧିବେଶନ ୨୦୨୬ ପାଇଁ ସଂସଦର ଉଭୟ ଗୃହକୁ ଡକାଇବାକୁ ଅନୁମୋଦନ କରିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ ଆସନ୍ତା ୨୮ରୁ ବଜେଟ୍ ଅଧିବେଶନ ଆରମ୍ଭ ହେବ। ୨୯ରେ ଅର୍ଥନୈତିକ ସର୍ଭେ-୨୦୨୬ ଉପସ୍ଥାପନ କରିବା ସହ ଫେବୃଆରୀ ୧ରେ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ସୂଚନାନୁସାରେ ଏଥର ବଜେଟ୍ ଅଧିବେଶନକୁ ୨ଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୨୮ରୁ ଆରମ୍ଭ ହୋଇ ୧୩ ଫେବୃଆରୀ ଯାଏ ଚାଲିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ୍ ୨ ଯାଏ ଚାଲିବ। ଏସମ୍ପର୍କରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି।

# ତେଜସ୍ୱିନୀ ଫାଉଣ୍ଡେସନ୍ ଟ୍ରଷ୍ଟର ବନ୍ଧୁମିଳନ ୨୦୨୬






ଭୁବନେଶ୍ୱର: ବାଳକାଟୀ ସ୍ଥିତ ମା' ହାଣ୍ଡିଶାଳଠାରେ ତେଜସ୍ୱିନୀ ଫାଉଣ୍ଡେସନ ଟ୍ରଷ୍ଟ ଏବଂ ତେଜସ୍ୱିନୀ ସାପ୍ତାହିକ ଖବରକାଗଜର ସଦସ୍ୟ ଓ କର୍ମକର୍ତ୍ତାମାନଙ୍କର ବନ୍ଧୁମିଳନ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଣଭୋଜି ସହିତ ଚଳିତ ବର୍ଷ ପାଇଁ ଟ୍ରଷ୍ଟର କାର୍ଯ୍ୟକ୍ରମ କ'ଣ ରହିବ ଏବଂ ଦୀର୍ଘ ୧୬ ବର୍ଷ ଧରି ପ୍ରକାଶ ପାଇ ଆସୁଥିବା ଖବରକାଗଜର କଳେବର କିପରି ବୃଦ୍ଧି ପାଇବ ତାହା ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧ୍ୟକ୍ଷ ଯତୀନ୍ଦ୍ର ନାଥ ଦାସ, ଉପାଧ୍ୟକ୍ଷ ରଣଜିତ ପଟ୍ଟନାୟକ, ସମ୍ପାଦକ ସଞ୍ଜୀ ସମୀର ମହାପାତ୍ର, ଉପଦେଷ୍ଟା ଗିରିଜା ଶଙ୍କର ରାୟ, କୋଷାଧ୍ୟକ୍ଷ ତାପସ କୁମାର ପାତ୍ରଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ସଦସ୍ୟ ଏବଂ କର୍ମକର୍ତ୍ତା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ମୁଖ୍ୟ କର୍ମକର୍ତ୍ତା ବିକାଶ ଜ୍ୟୋତି ବସନ୍ତରାୟ, ସ୍ମୃତିସ୍ୱାଗତ ରାୟ ମହାପାତ୍ର,ରବିରନ୍ ପଟ୍ଟନାୟକ, ରତ୍ନାକର ମହାମାନ ସିଂ, ବ୍ୟୋମକେଶ ମିଶ୍ର, ଅଞ୍ଜନା ପଟ୍ଟନାୟକ, ରାକେଶ ରୋଶନ ବସନ୍ତ ରାୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡକ୍ଟର ସ୍ୱଚ୍ଛସଲୀଳା ମହାପାତ୍ର ନିଜର ସ୍ୱଳ୍ପ ବକ୍ତବ୍ୟ ମାଧ୍ୟମରେ ସମସ୍ତଙ୍କୁ ସମାଜସେବା ପାଇଁ ପ୍ରେରଣା ଦେଇଥିଲେ।

# ୧୦ ଲକ୍ଷ ହିତାଧିକାରୀଙ୍କୁ ମିଳିବ ପକ୍କା ଘର

ଭୁବନେଶ୍ୱର: ରାଜ୍ୟର ୧୦ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇଦେବ ପଞ୍ଚାୟତିରାଜ ବିଭାଗ। ଏନେଇ ଆଜି ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଚଳିତ ଜାନୁଆରୀରେ ରାଜ୍ୟ ସରକାର ପକ୍କା ଘର ବାଣ୍ଟିବେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୩୭ ଲକ୍ଷ ଆବେଦନ ହୋଇଛି । ୩୪ ଲକ୍ଷଙ୍କୁ ସର୍ଟଲିଷ୍ଟ କରାଯାଇ କେନ୍ଦ୍ର ସରକାରଙ୍କୁ ତାଲିକା ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଗରିବ ଓ ଭୂମିହୀନ ପରିବାରଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ସରକାର ପ୍ରତିବଦ୍ଧ। ଅନ୍ତ୍ୟୋଦୟ ଗୃହ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଏକ ଅଂଶ ଭାବେ ଆମେ ନିଶ୍ଚିତ କରିବୁ ଯେ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି ଏହି ଯୋଜନାରୁ ଲାଭ ପାଇବେ। ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା ଅନ୍ତର୍ଗତ ସାମିଲ କରାଯିବ।



# ପ୍ରଶ୍ନବାଚୀ

**ଅମ୍ବିକା ସ୍ୱାଇଁ**

ଆଜି ଯାଏ ଭୁଲି ପାରୁନି,ସେ ଦିନର ଘଟଣା। ଅଫିସ୍‌ରୁ ଫେରୁଥାଏ ଅଟୋରୁ ଓହ୍ଲାଇ ରାସ୍ତା ପାରି ହେବା ସମୟରେ ଏକ ବାଇକ୍‌ରେ ତିନି ଜଣ ଯୁବକ କୁଆଡ଼େ ଥିଲେ କେଜାଣି ମଝି ରାସ୍ତାରେ ମୋ ଆଡ଼କୁ ହଠାତ୍ ପବନ ବେଗରେ ମାଡ଼ି ଆସିଲେ ମୁଁ କିଛି ଭାବିବା ପୂର୍ବରୁ ସେ ମୋତେ ଧକ୍କା ଦେଇ ଚାଲି ଗଲେ, ରାସ୍ତାର ସେପଟେ ଏକ ଛୋଟ ପିଲାଟି ବଡ଼ ପାଟି କରି ହେ, ପ୍ରଭୁ ରକ୍ଷାକର କହି ମୋ ପାଖକୁ ଦୌଡ଼ି ଆସିଲା, ମୋ ହାତ ଧରି ଉଠାଇ ଦେଇ କହିଲା- ମାଡାମ ଏବେ ଆପଣଙ୍କର କ'ଣ ହୋଇ ଥାନ୍ତା ଯେ ? ଭଗବାନ୍ ଆପଣଙ୍କୁ ରକ୍ଷା କରି ଦେଲେ। ମୁଁ କହିଲି ହଁ ବେଟା ତୁମର ସେ ସରଳ ମନର ବ୍ୟାକୁଳତା ପଣର ବିକଳ ଡାକ ବୋଧେ ଭଗବାନ୍ ଶୁଣିଲେ,ସେଥିପାଇଁ ମୁଁ ଏତେ ବଡ଼ ଆକ୍ସିଡେନ ରୁ ରକ୍ଷା ପାଇଗଲି,ମରୁ ମରୁ ବଞ୍ଚିଗଲି ?। ଆଜିକାଲି ର ପିଲାତ୍ ଗାଡିଖଣ୍ଡେ ହାତରେ ପାଇଗଲେ ଇନ୍ଦ୍ର ଚନ୍ଦ୍ର ମାନୁ ନାହାନ୍ତି ତୁମେ ବଡ଼ ହେଲେ ଏମିତି ବେପରୁଆଭାବେ କେବେ ବି ଗାଡି ଚଲେଇବନି, କଣ୍ କହୁଛ ବେଟା ? ହଁ ମାଡାମ୍ କେବେ ବି ନୁହେଁ।

ଏମିତି କଥବାର୍ତ୍ତା ଭିତରେ ରାସ୍ତା ଆର ପଟକୁ ଏକା ସଙ୍ଗେ ଦୁହେଁ ଏକା ରାସ୍ତାରେ କଥା ହୋଇ, ,ଚାଲିଲୁ ପରସ୍ପର ତା'ସହିତ କଥାବାର୍ତ୍ତାରୁ ଜାଣିଲି ସେ ଷଷ୍ଠ ଶ୍ରେଣୀରେ ପାଠ ପଢୁଛି,୧୧/କି ୧୨ ବର୍ଷ ବୟସ ହେବ। ମୋତେ ହଠାତ କହିଲା ଜାଣିଛନ୍ତି

ମାଡାମ୍ ମୁଁ ଆପଣଙ୍କୁ ସବୁଦିନେ ୪ଟା ବେଳେ ଟିଉସନ୍ ଗଲାବେଳେ ଦେଖେ,ଭାରି ଇଚ୍ଛା ହୁଏ କଥା ହେବାକୁ ହେଲେ କଥା ହୋଇ ପାରେ ନାହିଁ। ମୁଁ କହିଲି କାହିଁକି ? ଭାରି ଡର ଲାଗେ,ସାହସ ହୁଏ ନାହିଁ,ମନରେ ମୋର କେତେ ପ୍ରଶ୍ନ ଉଙ୍କି ମାରେ, ପଚାରିବି, ପଚାରିବି ଭାବି ରହିଯାଏ ଭଗବାନଙ୍କୁ ଅଶେଷ ଧନ୍ୟବାଦ ସେ ବୋଧେ ମୋ ମନ କଥା ଜାଣିପାରି ଆପଣଙ୍କ ସହ ମୋତେ କଥା ହେବାର ସୁଯୋଗ ଦେଲେ। ଆଜି ମୋତେ ବହୁତ୍ ଖୁସି ଲାଗୁଛି ମାଡ଼ାମ୍ ଅନେକ ଦିନର ଇଚ୍ଛା ମୋର ପୂରଣ ହେଲା। କହିଲା ସତରେ, ମୁଁ ଯେ ଆଜି ଏତେ ଖୁସୀ ଭାଷା ପାଉନି ବ୍ୟକ୍ତ କରିବାକୁ। ଆଜି ମୋର ବହୁତ୍ ବଡ଼ ଭାଗ୍ୟ। ଆପଣଙ୍କ ସହ ଭେଟ ହେଲା

ଏମିତି ଦୂର୍ଯୋଗରେ କିନ୍ତୁ ମୋ ପାଇଁ ଏହା ବଡ଼ ସୌଭାଗ୍ୟ। ସବୁ ଦିନ ଦୂରରୁ ଦେଖି ଭାବୁ ଥିଲି ଆପଣ ଜଣେ ଭଲ ମଣିଷ ହୋଇଥିବେ , ଆଜି କିନ୍ତୁ ପାଖରୁ ଅନୁଭବ କରୁଚି ଆପଣ କେତେ ଭଲ ସ୍ନେହୀ ମଣିଷଟିଏ। ଯାହା ହେଉ ଭଗବାନ୍ ଙ୍କ ଦୟାରୁ ଆଜି ଆପଣଙ୍କ ସହ କଥା ହେବାର ସୁଯୋଗ ମିଳିଲା। ମୁଁ ତା'ଠାରୁ ଏକ ନିଶ୍ୱାସରେ ଏତେ କଥା ଶୁଣି ଅବାକ୍ ହେଲି, କହିଲି ଆଚ୍ଛା ! ତେବେ କ'ଣ ପାଇଁ ଇଚ୍ଛା ହୁଏ ମୋ ସହ କଥା ହେବାକୁ ? କହିଲା ମାଡାମ ମୁଁ ଜାଣିନି,କିନ୍ତୁ ଆପଣଙ୍କୁ ଦେଖିଲେ ମୋତେ ଖୁବ୍ ଭଲ ଲାଗେ ଆପଣ ଯେମିତି ମୋର କିଏ ଅତି ନିଜର ପରି ମନେ ହୁଏ। କିଛି ବୁଝି ପାରିଲିନି, ଏମିତି ଛୋଟ ପିଲାଟି ଏମିତି କହିବାର କାରଣ କ'ଣ ? ତତ୍ କ୍ଷଣାତ ତାକୁ ପଚାରିଲି ବେଟା, ତୁମ ଘରେ ସବୁ କିଏ ଅଛନ୍ତି ? କହିଲା ମୋ ବାବା ମାଆ,ଆଉ ମୁଁ। ତେବେ ତୁମେ କ'ଣ କେବଳ ଗୋଟିଏ ପୁଅ ? ହଁ ! ଏମିତି କଥବାର୍ତ୍ତା ଭିତରେ ଆମ ଘରକୁ ଯିବା ରାସ୍ତାର ଛକ୍‌ର ବାମହାତି ତା ଘରକୁ ଯିବା ରାସ୍ତା ପଡ଼ିଲା ମୋତେ ବିନମ୍ର ନମସ୍କାରଟି ପକାଇ ଯିବାକୁ ଉଦ୍ୟତ ହେଲା ,ମୁଁ ମଧ ତା ମୁଣ୍ଡରେ ହାତ ରଖି ତାକୁ ଭଲ ପାଠପଢି ଭଲ ମଣିଷଟି ହୁଅ ବୋଲି ଆଶୀର୍ବାଦ କରି ଗୋଟିଏ ପଦ କଥା କହିଥିଲି-

ବେଟା ଶୁଣ ଜୀବନ ରେ ବଡ଼ ଚାକିରି କରି ବଡ଼ ମଣିଷଟି ନ ହୋଇ ପାରିଲେ ବି ସବୁ ବେଳେ ମନେ ରଖିବ ଭଲ ମଣିଷଟି ହେବାକୁ ଚେଷ୍ଟା କରିବ। ହଁ ମ୍ୟାଡମ ନିଶ୍ଚୟ ମୁଁ ଭଲ ମଣିଷ ହେବାକୁ ଚେଷ୍ଟା କରିବି। ଆପଣଙ୍କ ଆଶୀର୍ବାଦ ଏମିତି ଥାଉ। ମାଡାମ ଗୋଟେ କଥା କହିବି ? କୁହ ବେଟା। ଆପଣ ଜାଣିଛନ୍ତି ନା ?ଆରେ ବେଟା କଣ ? ନା, ନା ପରେ କହିବି। କହି ତା'ଆଖି ଛଳ ଛଳ ହୋଇଗଲା। କିନ୍ତୁ ମୁଁ ଯେତେ ପଚାରିଲି କିଛି କହିଲାନି।

କାହିଁକି କେଜାଣି ତା' ଛଳ ଛଳ ଆଖି ଦେଖି ମୋ ମନଟା ଭାରି ବ୍ୟସ୍ତ ଲାଗିଲା। ଏତିକି ଆଶ୍ୱାସନା ଦେଲି, ହଉ ବେଟା ବ୍ୟସ୍ତ ହୁଅନି ,ତୁମେ କଣ କହିବାକୁ ଚାହୁଁଚ ? ମୁଁ ତୁମ କଥା ଶୁଣିବାର ଅପେକ୍ଷାରେ ରହିଲି। କଣ ଭାବିଲା କେଜାଣି ମୋ ମୁହଁକୁ ଚାହିଁ ଟିକେ ମୁରୁକି ହସି ଦେଲା, ତା କଅଁଳ ନିଛନ୍ଦ ହସରେ କି ଯାଦୁ ଥିଲା କେଜାଣି ! ତା ସ୍ନେହର ଆକର୍ଷଣରେ ମୁଁ ବାନ୍ଧି ହୋଇଗଲି। ତା'ପର ଦିନ ମୁଁ ମୋ କାର୍ଯରେ ବାହାରି ପଡ଼ିଲି ଘରୁ ଠିକ୍ ୪ଟା ବେଳେ। ରାସ୍ତା ଚାଲୁ ଚାଲୁ ଟିକେ ଦୂରରୁ ଦେଖିଲି ସେହି ଛକରେ ସେ ଛିଡ଼ା ହୋଇ ମୋତେ ଚାହିଁଛି ଓ ମୁରୁକି ମୁରୁକି ହସୁଛି, ମୁଁ ତା' ପାଖରେ ଆସି ପହଂଚିଲା ମାତ୍ରେ ବିନମ୍ର ନମସ୍କାରଟି ପକାଇଲା ମୁଁ ତାକୁ ପ୍ରତି ନମସ୍କାର ଜଣାଇ, ପଚାରିଲି ଆରେ ବେଟା ଏଠି ଠିଆ ହୋଇଛ ଯେ ! ହଁ ଆପଣଙ୍କୁ ଅପେକ୍ଷା କରି ଛିଡ଼ା ହୋଇଥିଲି, ମାଡାମ୍। ମୁଁ ଜାଣିଛି ଆପଣ ଏହି ସମୟରେ ଆସିବେ। ଆଚ୍ଛା ! କ'ଣ ପାଇଁ ? ଅପେକ୍ଷା କରିଥିଲ ? ନା ମାଡ଼ାମ୍ କିଛି ନାହିଁ,ଏମିତି ! ମୁଁ କହିଲି ଆରେ ବେଟା ମାଡ଼ାମ୍ ନୁହେଁ ଆଣ୍ଟି ବୋଲି ଡାକ। ହଠାତ୍ ଜିଭ୍ କାମୁଡ଼ି ପାକାଇ କହିଲା ଆରେ ବାପରେ ନା ନା ମୁଁ ଆପଣଙ୍କୁ ଆଣ୍ଟି ବୋଲି କେବେ ଡାକିବିନି। ଆରେ କାହିଁକି ? ନା କେବେ ନୁହେଁ। ମୁଁ କ'ଣ ବା ତାକୁ କହିବି କିଛି ବୁଝିପାରିଲିନି, ଆଶ୍ଚର୍ଯ୍ୟ ହେଲି ତା' କଥା ଶୁଣି। ଗଲା ବେଳେ ତା' ପିଠି ରେ ହାତ ଥାପୁଡ଼େଇ ଆରେ ଚଗଲା ଟା କହି ଚାଲି ଗଲି।

ସେହି ଦିନଠାରୁ ମୁଁ ତାକୁ ଚଗଲା ବୋଲି ଡାକେ। ସବୁ ଦିନ ସେ ମୋ ଆସିବା ବାଟକୁ ଚାହିଁ ରହିଥାଏ ଦୁରୁରୁ ଦେଖି ମୁରୁକି ହସିଦେଇ ନମସ୍କାର ଟିଏ ପକାଇ ମୋ ସହିତ ପାଦ ପକାଇ ଆଗକୁ ଚାଲେ। ଏହା ଏକ ନିତିଦିନିଆ ଘଟଣା ହୋଇଗଲା। ଯଦି କେଉଁ ଦିନ ସେ ଠିଆ ହୋଇ ନଥାଏ , ମୋ ଆଖି ବି ତାକୁ ଚାରି ଆଡେ ଖୋଜେ। ମନ୍ଦିର ଭିତରକୁ ଗଲେ ଯଦି ଠାକୁରଙ୍କ ଦ୍ୱାର ଖୋଲା ନ ଥାଏ ,ତେବେ ମନ ଯେମିତି ବ୍ୟାକୁଳ ହୁଏ

ଦିଅଁଙ୍କ ଦର୍ଶନ ନ କରିପାରି। ତାକୁ ନ ଦେଖିଲେ ମୋ ମନ ସେହିପରି

ବ୍ୟାକୁଳିତ ହୁଏ। ମୋର ଯେମିତି କିଛି ମୂଲ୍ୟବାନ ଜିନିଷ ହଜିଗଲା ପରି ଅନୁଭବ କରେ। କିନ୍ତୁ ଭାଗ୍ୟକୁ ମୁଁ କାର୍ଯ୍ୟସ୍ଥଳୀରୁ ଫେରିଲା ବେଳକୁ ଦେଖେ ସେ ସେହି ନିର୍ଦ୍ଧିଷ୍ଟ ଜାଗାରେ ଠିଆ ହୋଇ ମୋତେ ଅପେକ୍ଷା କରିଥାଏ। ସେ ମୋତେ ଦେଖୁ ଦେଖୁ ଦୁଇ ପାଦ ଆଗକୁ ଚାଲି ଆସେ। ଆଜି ୪ ଟାରେ କାହିଁକି ଆସି ନଥିଲ ବୋଲି ପଚାରିବା ପୂର୍ବରୁ ସେ ଆଗତୁରା କାରଣ କହି ପକାଏ। ଧିରେ ଧିରେ ମୁଁ ଅନୁଭବ କରେ ମୋ ପ୍ରତି ତାର ଯଥେଷ୍ଟ ସମ୍ମାନ ଓ ଖୁବ୍ ଭଲ ପାଇବା ଅଛି।

ମୁଁ କେଉଁ ଦିନ କେଉଁ ରଙ୍ଗ ଶାଢ଼ୀ ପିନ୍ଧିଚି କଣ୍ ଗହଣା ଲଗେଇଛି ,କେଉଁ ଦିନ କେତେ ସୁନ୍ଦର୍ ଦିସୁଛି ସବୁ ର ତର୍ଜମା ସେ କରେ। ମୁଁ କିନ୍ତୁ ତା ଠାରୁ ଏମିତି କଥା ଶୁଣି,ମନେ ମନେ ବିରକ୍ତ ହୁଏ,ଭାବେ ଏତେ ଛୋଟ ପିଲାଟି ଏମିତି କଣ କହୁଛି ଯେ ! ତଥାପି ତାକୁ ରାଗିକି କିଛି କହି ପରେନି, କାରଣ ଏତେ ଛୋଟ ପିଲାଟି ଏତେ ଶ୍ରଦ୍ଧାରେ କହୁଛି ,କିଛି କହିଲେ କାଳେ ତା'ମନରେ କଷ୍ଟହେବ , ସେଥିପାଇଁ ମୁଁ ବି ସ୍ନେହରେ ଖୁବ୍ ଗେଲ୍‌ହା ପଣରେ ତା'ଗାଲରେ ହାତ ମାରି ଦୁଷ୍ଟ ଟିଏ କହି ଚାଲି ଯାଏ। ସେ ବି ଫୁଲେଇ ହୋଇ କଅଁଳ ସ୍ୱର୍ ରେ କହି ପକାଏ ମାଡାମ୍ ମୁଁ ମୋଟେ ଦୁଷ୍ଟ ନୁହେଁ ମୁଁ ଏକଦମ ଭଲ ପିଲାଟିଏ। ମୁଁ କହେ ଭଲ ପିଲା ନା ଆହୁରି କ'ଣ ! ତୁ ପୁରା ଦୁଷ୍ଟଟେ। ଏମିତି କହି କେତେ ଥର ଯେ ତା'କାନ ମୋଡିଥିବି ହିସାବ ନାହିଁ। ବେଳେ ବେଳେ ଅଭିମାନରେ କହିବ ହଉ ମ୍ୟା ଡାମ୍ ଆଉ ଆପଣଙ୍କୁ କିଛି କହିବିନି। କିନ୍ତୁ ପୁଣି ତା'ପର ଦିନ ସେହି ଏକାକଥା। ମାଡାମ ସତରେ ଆପଣ ଆଜି ଭାରି ସୁନ୍ଦର୍ ଦିସୁଛନ୍ତି, ଆଜି ଏଇ ଡ୍ରେସ ଟା ନା ଆପଣଙ୍କୁ ଖୁବ୍ ମାନୁଛି। ଏମିତି ନିତି ଦିନ ଦେଖା ସାକ୍ଷାତ ଓ କଥା ବାର୍ତ୍ତାରେ ଦୀର୍ଘ ଦୁଇ ବର୍ଷ କଟି ଗଲା କିପରି ସମୟ,ଜଣା ପଡିଲାନି।

ଭଲ ଭାବେ ମନେ ଅଛି ଦିନ କର କଥା। ସେଦିନ ମୁଁ ଭଲ ପାଟ ଶାଢ଼ି ଟିଏ ପିନ୍ଧି ପଥର ସେଟ୍ଟିଂ ସୁନା ହାର ଓ କାନର ଲଗାଇ ସଜେଇ ହୋଇ,ବାହାରି ପଡ଼ିଥାଏ, ଚିକିତ୍ସା କେନ୍ଦ୍ରରେ ନିତି ଦିନିଆ ସେବା କାର୍ଯ୍ୟ ସାରି ସେହି କେନ୍ଦ୍ରରୁ ଏକା ଥରେ ଯିବି ମୋ ସାଙ୍ଗ ଭଉଣୀର ବାହାଘର ରେ ଯୋଗ ଦେବାକୁ। ମୁଁ ଚାଲି ଥାଏ ରାସ୍ତାରେ ସେ ଚଗଲା ଦୂରରୁ ଦେଖି ଆଁ କରି ଆଶ୍ଚର୍ଯ୍ୟ ନୟନରେ ଚାହିଁ ରହି ଥାଏ। ମୁଁ ପାଖକୁ ଗଲା ମାତ୍ରେ ନମସ୍କାର ପକାଇ କହିପକାଇଲା, ମାଡାମ୍ ଆଜି କଣ୍ ଦିଶୁଛନ୍ତି ! ପୁରା ସ୍ୱର୍ଗର ପରୀ। ହେ, ହେ ଚଗଲା ତୁମକୁ ମାଡ଼ ଦରକାର। ହଁ ମାରନ୍ତୁ ପଛେ ମୋତେ କିନ୍ତୁ ସତ କଥା ଆଜି ଆପଣଙ୍କ ପଛରେ ଚୋର ପଡ଼ିଯିବେ। ହଉ ହଉ ଚୋର ପଡ଼ନ୍ତୁ ତୁମେ କିଛି ଚିନ୍ତା କରନି। ମୁଁ ୧୦୦ କୁ ଡାଏଲ କରି ଦେବିନି ! ପୋଲିସ ସଙ୍ଗେ ସଙ୍ଗେ ଚାଲି ଆସିବେ। ଏହା ଶୁଣି ସେ ବି ହସିଲା, ମୁଁ ସ୍ମିତ ହାସ୍ୟଟିଏ ଦେଇ ମୋ କାମରେ ମୁଁ ଚାଲି ଗଲି।

ତା'ପର ଦିନ ଠିକ୍ ସେହି ସମୟରେ ମୁଁ ଆସିଲା ବେଳକୁ ସବୁ ଦିନ ପରି ମୋତେ ଅପେକ୍ଷା କରି ଛିଡ଼ା ହୋଇଛି ,ମୋତେ ଦେଖୁ ଦେଖୁ ମୋ ହାତକୁ ଏକ ଯବସଜ୍ଜ ଙ୍କସକ୍ଷଳ ଚକୋଲେଟ ଟି ବଢାଇ ଦେଇ କହିଲା- ମାଡ଼ାମ୍ ଆଜି ମୋର ଜନ୍ମଦିନ। ମୁଁ ଏକଥା ଶୁଣି ତାକୁ'ଜନ୍ମ ଦିନର ଶୁଭେଚ୍ଛା ଜଣାଇ, ଯେତିକି ଖୁସି ହୋଇ ଥିଲି,ବେଶି ଦୁଃଖିତ ହୋଇଥିଲି ଅଭିମାନ,ରାଗ ମିଶା ସ୍ୱରରେ ତାକୁ କହି ଥିଲି ଆରେ ବେଟା ତୁମେ ମୋତେ କାଲି କହିଲ ନି କାହିଁ? ତୁମ ପାଇଁ ମୁଁ କିଛି ଗିଫ୍ଟ ଆଣିଥାନ୍ତି, ମୁଁ ତୁମ ସହ ଆଜି ଠୁ ଆଉକଥା ହେବିନି। ମନ ଦୁଃଖ କରି କହିଲା ମ୍ୟାଡାମ୍ ସେମିତି କୁହନ୍ତୁ ନି ଆପଣ ମୋ ସହ କଥା ନ ହେଲେ ନା ! ମୁଁ ମରିଯିବି। ମୁଁ ତା' ମୁହଁରୁ ଏପରି ଅମଙ୍ଗଳିଆ କଥା ଶୁଣି ଚମକି ପଡିଥିଲି, ତା'ପାଟିରେ ହାତ ଦେଇ ତାକୁ ଅଟକାଇ ଥିଲି। ସେ ଦିନ ମୋ ଆଖି ଛଳ ଛଳ ହୋଇ ଯାଇଥିଲା। ଅଜାଣତରେ ମୋ ଆଖିରୁ ଅଶ୍ରୁ ବୁନ୍ଦା ବୋହି ଆସିଥିଲା। ମୁଁ ଅନୁଭବ କରୁଥିଲି ସତରେ ସେ କେତେ ଭଲ ପାଏ ମୋତେ। ମୋ ପାଟିରୁ ବାହାରି ଆସିଥିଲା ସେମିତି କାଳ କଥା କୁହନ୍ତିନି ରେ ଚଗଲା। ଏହା କହୁ କହୁ ସେ କହି ପକାଇଲା ଆପଣ ସତ୍ କୁହନ୍ତୁ ମୋ ସହ ଅପଡ କରି ବେନି ତ୍? ଆରେ ବେଟା ନା 'ରେ ବିଲକୁଲ୍ ନୁହେଁ ମୋ ସୁନା ଗେହ୍ଲା ଚଗଲା କୁ ଛାଡ଼ି କଣ୍ ମୁଁ ରହି ପାରିବି !!ଏହା କହି ତା ଗାଲ କୁ ଗେଲରେ ଟାଣି ଦେଲା ଭିତରେ ଜାଣିଲି ତା' ଦେହ ଖୁବ୍ ତାତିଛି ,ପଚାରିଲି ଆରେ ତୋ ଦେହ କଣ୍ ଏତେ ତାତିଛି ? କହିଲା ମାଡାମ ମୋ ମୁଣ୍ଡ ଟିକେ ବିନ୍ଧୁଚି ଥଣ୍ଡା ଧରିଛି ସେଥିପାଇଁ ଦେହ ବୋଧେ ଉଷୁମ ଅଛି। ହଉ ତେବେ ଆସ ମୋ ସାଙ୍ଗ ରେ ସିଦ୍ଧ ଚିକିତ୍ସା କେନ୍ଦ୍ର କୁ ସେଇଠି ତୁମକୁ ଗ୍ୱକ୍ସରବଗ୍ୱଙ୍କରଭଗ୍ୱ କରି ଦେବି ସଙ୍ଗେ ସଙ୍ଗେ ଭଲ ହୋଇ ଯିବ। କହିଲା ନାଇଁ ମାଡାମ ମୋର ଟିଉସନ୍ ଅଛି ତ ମୁଁ ଗଲେ ଡେରି ହୋଇ ଯିବ ସାର୍ ରାଗିବେ ଆପଣ ଯାଆନ୍ତୁ ମୁଁ ମେଡ଼ିସିନ୍ ଦୋକାନରୁ ଗୋଟେ ଡାଏରୀ ମିଲ୍କ କିଣି ଖାଇଦେବି ଜର ଥଣ୍ଡା ସବୁ ଭଲ ହୋଇଯିବ। ଆପଣ ଚିନ୍ତା କରନ୍ତୁନି ,ମୁଁ କହିଲି ହଉ ଠିକ୍ ଅଛି। ଞ୍ଚବଳର ମବକ୍ସର ମୁଁ ଆସୁଛି ବେଟା। କହିଲା ମାଡାମ ଗୋଟେ ଅନୁରୋଧ କରିବି ରଖିବେ ?

ମୁଁ କହିଲି କଣ୍ କୁହ ? ଆପଣଙ୍କ ଫୋନ ନମ୍ବର୍ ଟିକେ ଦେବେ। ମୁଁ କହିଲି ହଁ ଦେବିନି କାହିଁକିରେ। ଏହା କହି ଭ୍ୟାନିଟି ବ୍ୟାଗ୍‌ରୁ କାଗଜକଲମ ବାହାର କଲା ଭିତରେ ତାକୁ ପଚାରିଲି ଆରେ ଚଗଲା ତୁମେ କ'ଣ ଗୋଟେ କଥା କହିବ ବୋଲି କହୁଥିଲ ମୋତେ ଅନେକ ଦିନ ହେଲା ସେ କଥା ତ କିଛି କହିଲନି ? ନା ମାଡାମ ସେ ବହୁତ କଥା ପରେ କହିବି। ଆରେ ପୁଣି ପରେ କଣ ? ଏବେ କୁହ ! ହଉ ତେବେ ଶୁଣନ୍ତୁ ....ସେ ଯାହା କହିଲା ମୁଁ ତା କଥା ଶୁଣି ସ୍ତବ୍ଧ ହୋଇଗଲି। ଖୁବ୍ ଦୁଃଖ ପ୍ରକାଶ କଲି। ଏହି ସମୟରେ ଚିକିତ୍ସା କେନ୍ଦ୍ରରୁ ଜଣେ ପେସେଣ୍ଟଙ୍କର ଫୋନ ଆସିଲା, ଜଲଦି ଯାଇ କେନ୍ଦ୍ରରେ ପହଂଚିବାର ଅଛି ! ଚଗଲାସହ ଆଉ ଅଧିକ କିଛି କଥା ନ ହୋଇ ପାରି କର୍ତ୍ତବ୍ୟର ଦ୍ୱାହି ରେ ତର ତର ହୋଇ ଯିବା ଭିତରେ ଚଗଲାକୁ ଖାଲି ଏତିକି କହିଥିଲି ହଉ ବେଟା ମୁଁ ଯାଉଛି କାଲି କୁ କଥା ହେବା ଏବଂ ମୋ ମୋବାଇଲ ନମ୍ବର ମଧ ଲେଖି ଆଣିଥିବି ତୁମକୁ ଦେଇ ଦେବି, ବ୍ୟସ୍ତ ହୁଅନି। କହିଲା ହଉ ଠିକ ଅଛି ମାଡାମ ଯାନ୍ତୁ।

ଏହା ପରେ ଆମେ ନିଜ ନିଜ କାମରେ ଚାଲିଗଲୁ। ମୁଁ କେନ୍ଦ୍ର ରୁ ଘରକୁ ରାତି ୮ ଟାରେ ପହଞ୍ଚି ଦେଖେ ତ ମୋ ସ୍ୱାମୀ ଗେଟ୍ ପାଖରେ ମୋ ଆସିବା ବାଟକୁ ଖୁବ୍ ଉତ୍କଣ୍ଠାର ସହ ଚାହିଁ ରହି ଛନ୍ତି, ପହଞ୍ଚୁ ପହଞ୍ଚୁ କହି ପକାଇଲେ ହଁ ଶୁଣ ମୋର ଡେପୁଟେସନ ରେ ଦିଲ୍ଲୀ ଯିବାର ଅଛି ଅ ନିର୍ଦ୍ଧିଷ୍ଟ ସମୟ ପାଇଁ ତେଣୁ ଜିନିଷ ପତ୍ର ପ୍ୟାକିଂ କର ଆସନ୍ତା ସୋମବାରେ ଦିଲ୍ଲୀ ଯିବା ଫ୍ଲାଇଟ୍ ଟିକେଟ ବି ହୋଇ ଯାଇଛି। ମୁଁ ଶୁଣି ଆଶଚର୍ଯ୍ୟଚକିତ ହେଲି ଆରେ ଏମିତି ହଠାତ୍ ହଠାତ୍ କଣ୍ ଯେ ? ଯାହା ବି ହେଉ ଅଫିସର ଆଦେଶ କୁ ମାନି ବାକୁ ହେବ ଦିଲ୍ଲୀ ଯିବାକୁ ହିଁ ପଡ଼ିବ। ସେହି ସମୟ ରୁ ହିଁ ମାନସିକ ଭାବେ ପ୍ରସ୍ତୁତ ହେଲି ଦିଲୀ ଯିବା ପାଇଁ। ତା'ପର ଦିନ ଚଗଲା କୁ ଫୋନ ନମ୍ବର ଦେବି। ଆମର ଦିଲ୍ଲୀ ଯିବା କଥା ଜଣାଇ ବି ବୋଲି ଏକ ଦ୍ୱନ୍ଦ ମନରେ ସନ୍ତାପି ହେଲି। ସେ ମୋ ଯିବା କଥାକୁ କିପରି ଭାବରେ ଗ୍ରହଣ କରିବ କି ନାହିଁ ବୋଲି ମନରେ ଅନେକ ଭାବନା ଆସୁଥାଏ। ଯାହା ବି ହେଉ ସବୁ ଦିନ ପରି ଅପରାହ୍ନ ୪ ଟାରେ ବାହାରି ପଡିଲି, ମୋ କାର୍ଯ କ୍ଷେତ୍ର କୁ। ସେଦିନ ଦେଖିଲି ସବୁ ଦିନ ପରି ଚଗଲା ମୋତେ ଚାହିଁ ? ସେଠି ଠିଆ ହୋଇ ନାହିଁ , ଚାରି ଆଡ଼େ ଆଖି ବୁଲେଇ,ଭଲ ଭାବରେ ଦେଖି ନେଲି। ସେଦିନ ଆଉ ଚଗଲା ର ଦେଖା ପାଇଲିନି। ଭାବିଲି ତା' ପର ଦିନ ଚଗଲା ସହ ଦେଖା ହେବ ତାହା ବି ହେଲାନି। ଏମିତି ଅପେକ୍ଷା ରେ ଅପେକ୍ଷା ରେ ୫ ଦିନ କଟିଗଲା। ହେଲେ ତାକୁ ଦେଖା ନ କରି ମୁଁ ଦିଲ୍ଲୀ ଚାଲିଗଲି। କିନ୍ତୁ ମନ ବହୁତ୍ କଷ୍ଟ ହେଲା, ତାକୁ ମନରେ ଭାବି ଭାବି ଦିଲ୍ଲୀ ରେ କିଛି ବର୍ଷ କଟି ଗଲା। ଅନେକ ସମୟରେ ତା'କଥା ମନେ ପଡେ। ଦିଲ୍ଲୀ ରୁ ଫେରିବା ପରେ ଭାବି ଥିଲି ,ମୋ ସ୍ନେହର ଚଗଲାକୁ ମୁଁ ପୁଣି ପାଇ ଯିବି। କିନ୍ତୁ ଆଜି ଯାଏ ତାକୁ ଆଉ ପାଉ ନାହିଁ ମୋ ଆଖିରେ ତା'ଦରୋଟି ହସ ଦିଶି ଯାଉଛି। ତା' ଚୁଲ୍ ବୁଲିଆ ଚଗଲିଆ କଥା ମୋ କାନରେ ଯେମିତି ବାର୍ ବାର୍ ଶୁ ଭି ଯାଉଛି। ତା'ର ସେହି ନିରୀହ ଚକ୍ଷୁ ପଲ୍ଲବ୍‌ର ଚାହାଣୀ ମୋ ସାମ୍ନାରେ ଯେମିତି ପ୍ରତି ମୁହୂର୍ତ୍ତରେ ନାଚି ଯାଉଛି। ଆବେଗ ଭରା ମନ ରେ ମୁଁ ତାକୁ ଅପେକ୍ଷା କରିଛି, ଚାହିଁ ରହିଛି। ହୃଦ ସ୍ପନ୍ଦନ ବଢ଼ି ଯାଉଛି ,ମନ ର ଆଶଙ୍କା ବାର୍ ବାର୍ ଆନ୍ଦୋଳିତ କରୁଛି ଆତ୍ମାକୁ। ତା'ର କିଛି ଅସୁବିଧା ହୋଇନି ତ ? ଆରେ ଚଗଲା ତୁ କୁଆଡେ ଗଲୁରେ ? ତୋ ପ୍ରିୟ ମାଡ଼ାମ୍‌କୁ ଭୁଲି ତୁ କେମିତି ରହିଛୁରେ !

ତୋର ମନେ ପଡୁନି ମୋ କଥା ? ମୋର କିନ୍ତୁ ତୋ କଥା ସବୁବେଳେ ମନେ ପଡୁଛି।

*ଭୁବନେଶ୍ୱର, ଖୋର୍ଦ୍ଧା*

# ଶୀତ

ସହରରେ ଶୀତ ନାହିଁ
ଗାଁରେ ଖେଳୁଛି
ସହରର ଅଟ୍ଟାଳିକା
ଗରମ ଛାଡୁଛି ।
ସୁଲୁସୁଲୁ ପବନରେ
ଶୀତ ଯାଏ ମାଡ଼ି
ନଈକୂଳ ଫସଲରେ
ଭାଙ୍ଗୁଛି ଲହଡ଼ି ।
କଅଁଳିଆ ଖରା ସୁଖ
ପାଳ ଗଦା ମୂଳେ
କୁଡି ଛୁଆ ଗଡ଼ାଗଡ଼ି
ଉଷୁମ ପାଇଲେ ।
ସହରକୁ ଡରିଗଲା
ଆସିବନି ଫେରି
ଗାଁ ଭୂଇଁ ଭାରି ଭଲ
ପ୍ରେମ ଅସୁମାରୀ ।
ବଣ ପାହାଡ଼ ଜଙ୍ଗଲ
ବିସ୍ତୀର୍ଣ୍ଣ ପଡ଼ିଆ
ଗହୀରରେ ରାତି ହୁଏ
ଭୁକିଲେ ବିଲୁଆ ।
ଜହ୍ନ ଆସେ ହସି ହସି
ଆକାଶ ଛାତିରେ
ସହରକୁ ଦିଶେ ନାହିଁ
ଲୁଚେ କେଉଁଠାରେ ।
ସହରରେ ନିଜ ସ୍ୱାର୍ଥ
ମିଳେ ନାହିଁ ଭାବ
ସ୍ୱପ୍ନ ଏଠି କିଣାଯାଏ
ଶୀତ ବି ଅଭାବ ।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା

# ଜଞ୍ଜାଳ ସାଗରେ ସ୍ୱପ୍ନ ଦ୍ୱୀପ

ମଧୁ ସ୍ୱପ୍ନ ମୋର ଭାଙ୍ଗିଗଲା
ସବୁ ଯେବେ ଯୌବନେ ପ୍ରବେଶ
ହୋଇଲି,
କର୍ମକୁ ଆଦରି କଷ୍ଟ ସାଥେ ଧରି,
ଖଣ୍ଡା ଧାରରେ ମୁଁ ଚାଲି ଆସିଲି।
ଜଞ୍ଜାଳ ବିଷମ ଜଗତରେ ମୁହିଁ
ସ୍ୱପ୍ନ ପଛେ ସତେ ଧାଇଁଲି,
ଯନ୍ତ୍ରଣାର ମୋହ ଗ୍ରାସ କଲା ମୋତେ
ନିସହାୟ ମୁଁ ଯେ ହୋଇଲି।
ଭାବିଲି ସତେ କି ଏହା ଅଟେ
ମୋର ଜୀବନର ଚଲାପଥ,
ମୁଁ କିମ୍ପା ଜାଣିବି ଏହି କର୍ମ ପରା
ଦେଖାଏ ଯେ ନର୍କ ବାଟ।
ଯନ୍ତ୍ରଣାର ନର୍କେ ଛଟପଟ ମୁହିଁ
ଖୋଜୁଛି ମୁକ୍ତିର ବାଟ,
ସ୍ୱପ୍ନକୁ ପାଶୋରି କର୍ମକୁ ଆଦରି
ଖୋଜିଛି କଷ୍ଟର ବାଟ ।
କେଜାଣି କାହିଁକି ମଧୁ ସ୍ୱପ୍ନ ରାଜ୍ୟୁ
ମୋତେ ଆସୁଛି ପ୍ରବଳ ଚିଠି,
ନର୍କ ମୋହ ଗ୍ରାସେ
ଚିଠି ପଢିବି ବୋଲିକି
ସମୟ କୋଉଠୁ ପାଉଛି।
ଚଞ୍ଚକିତ ମନ ସହି ପାରୁନାହିଁ
ଭାବେ ଫେରିବ ବୋଲିକି ସେଠାକୁ,
ଜଞ୍ଜାଳ ଜିଞ୍ଜିର ଝାଙ୍କିକି ଭାଙ୍ଗିକି
ଫେରିବାକୁ ହବ ସେଠିକି।

**ଓମ୍ ପ୍ରକାଶ ସାହୁ**
ଖଣ୍ଡଗିରି, ଭୁବନେଶ୍ୱର







# ଡୋଲି ଡିଜାଇନ୍ ବ୍ଲାଉଜ

**ବାହାଘରକୁ ଯାଉଥିଲେ ଅବା ନିଜର ବାହାଘର ଥିଲେ, ଶାଢ଼ି ତ ନିଶ୍ଚୟ ପିନ୍ଧିବେ। ଆଉ ଶାଢ଼ିକୁ ଖାସ୍ କରାଏ ବ୍ଲାଉଜ୍। ତେଣୁ ଶାଢ଼ି ପାଇଁ ଲାଟେଷ୍ଟ ବ୍ଲାଉଜ ଡିଜାଇନ୍ ଜାଣିବା ନିହାତି ଜରୁରୀ। ଆଜିକାଲି ବିବାହ ଅବସର ପାଇଁ ଲାଟେଷ୍ଟ ବ୍ଲାଉଜ ଷ୍ଟାଇଲ୍ ହେଉଛି 'ଡୋଲି' ଡିଜାଇନ୍ ବ୍ଲାଉଜ। ଏହି ସାଉଥ୍ ଇଣ୍ଡିୟାନ୍ ବ୍ଲାଉଜ ଡିଜାଇନ୍‌ର ଚାହିଦା ଏବେ ବଢ଼ିବାରେ ଲାଗିଛି। ତେଣୁ ଏହାକୁ ଟ୍ରାଏ କରି ଆପଣ ବି ପାଇପାରିବେ ଖାସ୍ ଲୁକ୍...**



ଏହି ଡୋଲି ଇନ୍ସପାୟର୍ଡ ବ୍ଲାଉଜକୁ ଦେଖି କେହି ବି ନଜର ହଟାଇପାରିବେନି। ଏହାର ପଛପଟେ ଡୋଲି ବା ପାଲିଙ୍କି ଡିଜାଇନ୍‌ର ଏମ୍ବ୍ରୋଏଡରି ୱାର୍କ ହୋଇଥାଏ, ଯାହା କି ବେଶ୍ ଆକର୍ଷଣୀୟ ଲାଗେ। ଏହାକୁ ନେଇ କିଛି ଟିପ୍ସ ଜାଣନ୍ତୁ ନିମ୍ନରୁ...

* ବ୍ୟାକ୍ ସାଇଡ୍ ଟ୍ରାନ୍ସପରେଣ୍ଟ ବ୍ଲାଉଜ ପିନ୍ଧିବାକୁ ଚାହୁଁଥିଲେ ଡୋଲି ବ୍ଲାଉଜ ଟ୍ରାଏ କରନ୍ତୁ। ଅଥବା ଟ୍ରାନ୍ସପରେଣ୍ଟ ବ୍ୟାକ୍ ବ୍ଲାଉଜ ଉପରେ ଡୋଲି ୱାର୍କର ପ୍ୟାଚ୍ ଲଗାଇପାରିବେ। ଆଉ ଗର୍ଜିୟସ୍ ଲୁକ୍ ପାଇପାରିବେ।

* ଏହି ବ୍ଲାଉଜର ଖାଲି ବ୍ୟାକ୍ ନୁହେଁ, ସ୍ଲିଭ୍‌ରେ ବି ଡୋଲି ଷ୍ଟାଇଲ୍ ଏମ୍ବ୍ରୋଏଡରି ହୋଇଥାଏ। ଏହା ଦେଖିବାକୁ ବହୁତ ସୁନ୍ଦର ଲାଗେ।

* ସ୍ଲିଭରେ ଟ୍ୱିଷ୍ଟ ଲୁକ୍ ଚାହୁଁଥିଲେ ନେଟ୍ ଫ୍ୟାବ୍ରିକ୍ ସହ ଡୋଲି ଡିଜାଇନ୍ ଟ୍ରାଏ କରିପାରିବେ।

* ପ୍ୟାଚ୍ ବାଲା ଡୋଲି ଡିଜାଇନ୍‌ର ବ୍ଲାଉଜ ଆପଣଙ୍କୁ ଷ୍ଟନିଂ ଲୁକ୍ ଦେବ। ଏହାକୁ ଆପଣ ଶାଢ଼ି ଅବା ଲେହଙ୍ଗା ସହ ପିନ୍ଧିପାରିବେ।

* ଡୋଲି ୱାର୍କ ବ୍ଲାଉଜ୍‌ରେ ଫନ୍ ଚାହୁଁଥିଲେ ବ୍ଲାଉଜରେ ବିବାହର କିଛି ଶ୍ଳୋକ ଏମ୍ବ୍ରୋଏଡରି କରାଇପାରିବେ।

* ଏହି ବ୍ଲାଉଜର ବ୍ୟାକ୍ ସାଇଡ୍‌ରେ ହ୍ୟାଣ୍ଡ ଏମ୍ବ୍ରୋଏଡରିର କଟ୍ ୱାର୍କ ବି କରାଇପାରିବେ। ବ୍ଲାଉଜର ଏହି ଡିଜାଇନ୍ ବହୁତ ସୁନ୍ଦର ଦେଖାଯାଏ।

* ଆପଣ ଚାହିଁଲେ ଏହାର ଉପରେ ନିଜ ପସନ୍ଦର ଝୁମ୍‌କା ଷ୍ଟାଇଲ୍ ଅବା ଗୋଟା ୱାର୍କ କରାଇପାରିବେ।

* ଏହି ବ୍ଲାଉଜ୍‌କୁ ପିନ୍ଧିବାବେଳେ ହେୟାର୍‌ଷ୍ଟାଇଲ୍ ଉପରେ ଧ୍ୟାନ ଦେବା ଜରୁରୀ। ବନ୍ ହେୟାରଷ୍ଟାଇଲ୍ କଲେ ବ୍ଲାଉଜ୍‌ର ଡିଜାଇନ୍ ଭଲରେ ଦେଖାଯାଏ। ଚାହିଁଲେ ବନ୍‌କୁ ବିଭିନ୍ନ ହେୟାର୍ ଆସେସରି ବା ଫୁଲରେ ସଜାଇପାରିବେ। ବେଣୀ କଲେ ଏହାକୁ ହେୟାର୍ ଆସେସରିଜ୍‌ରେ ସଜାନ୍ତୁ ଓ ବେଣୀକୁ ଆଗପଟକୁ ରଖନ୍ତୁ।

# ଗୃହିଣୀଙ୍କ ରନ୍ଧାଶାଳର ବଇଦ

ଜିରା: ଦୈନନ୍ଦିନ ପ୍ରସ୍ତୁତ କରାଯାଉଥିବା ତରକାରିରେ ବ୍ୟବହୃତ ହେଉଥିବା ମସଲା ଦ୍ରବ୍ୟ ମଧ୍ୟରେ ଜିରା ଏକ ପ୍ରମୁଖ ବ୍ୟବହାର ଉପଯୋଗୀ ତଥା ଔଷଧୀୟ ଗୁଣସମ୍ପନ୍ନ ଦ୍ରବ୍ୟ ଏହା ଜିରାରାଇସ୍, ଡାଲି, ସନ୍ତୁଳା ଆଦିରେ ଫୁଟଣ ରୂପେ ବ୍ୟବହାର କରଯାଇଥାଏ। ଏହା ଖାଦ୍ୟର ଗୁଣବତ୍ତା, ବାସ୍ନା, ଖାଦ୍ୟର ସ୍ୱାଦ ବଢ଼ାଇବା ସହ ହଜମଶକ୍ତିକୁ ବୃଦ୍ଧି କରିଥାଏ। ଜିରା ମଧ୍ୟ ପାକସ୍ଥଳୀ ଓ ପାଚନ ତନ୍ତ୍ରକୁ ଠିକ୍ ରଖିବାରେ ସହାୟକ ହୋଇଥାଏ। ଜିରାକୁ ଖାଦ୍ୟଗ୍ରହଣ ପରେ ଚୋବାଇ ଖାଇବା ଦ୍ୱାରା ଗରିଷ୍ଠ ଖାଦ୍ୟ ହଜମ ହେବା ସହ ଶରୀରର ଓଜନକୁ କେତେକାଂଶରେ ସନ୍ତୁଳିତ ରଖିଥାଏ।

ଜୁଆଣି: ବିଭିନ୍ନ ମସଲା ପ୍ରସ୍ତୁତିରେ ଏହାକୁ ବ୍ୟବହାର କରାଯାଇଥାଏ। ତା' ସହ ଏଥିରେ ଔଷଧୀୟ ଗୁଣ ମଧ୍ୟ ଭରିରହିଛି। ଏହାକୁ କଞ୍ଚା ଚୋବାଇ ଖାଇବା କିମ୍ବା ପାଣିରେ ବତୁରାଇ ଉକ୍ତ ପାଣିକୁ ସେବନ କରିବା ଦ୍ୱାରା ବିଭିନ୍ନ ପ୍ରକାର ପେଟ ସମସ୍ୟା



ଦୂର ହୋଇଥାଏ। ଖାଇବା ହଜମ ହେବାରେ ସାହାଯ୍ୟ କରେ। ପାଟିର ଦୁର୍ଗନ୍ଧ ନାଶ କରେ।

ମେଥି: ମେଥି ମସଲା ପ୍ରସ୍ତୁତିରେ ଏକ ପ୍ରମୁଖ ଦ୍ରବ୍ୟ। ଏହା ଶରୀର ନିମନ୍ତେ ଅମୃତତୁଲ୍ୟ। ମେଥିକୁ ଉଷୁମ ପାଣିରେ ୨-୩ ଘଣ୍ଟା ବତୁରାଇ ଚୋବାଇ ଖାଇପାରନ୍ତି। ତା' ସହ ଉକ୍ତ ବତୁରା ପାଣିକୁ ସେବନ କରିବା ଦ୍ୱାରା ପେଟର ବିଭିନ୍ନ ସମସ୍ୟା ଦୂର ହେବା ସହ ଡାଇବେଟିସ୍‌କୁ ନିୟନ୍ତ୍ରଣ ରଖିବାରେ ସହାୟକ ହୋଇଥାଏ। ମେଥି ପ୍ରତିଦିନ ଖାଇବା ଦ୍ୱାରା ଶରୀରରେ ମେଟାବୋଲିଜିମ୍ ବୃଦ୍ଧି ଘଟିବା ସହିତ ଓଜନକୁ ସନ୍ତୁଳିତ ରଖିଥାଏ। କେଶବୃଦ୍ଧି ପାଇଁ ତଥା କେଶ ଝଡ଼ିବା କମ୍ କରିବା ମେଥି ବ୍ୟବହୃତ ହୁଏ। ପିଠା ପାଇଁ ବିରି ଓ ଚାଉଳ ବାଟିବା ବେଳେ ମଧ୍ୟ ଗୋଟେ ଚାମଚ ମେଥି ମିଶାଇ ବାଟିଲେ ପିଠା ନରମ ହୁଏ, ଅମ୍ଳ ହେବାକୁ ଦିଏ ନାହିଁ।

ରସୁଣ: ଭାରତୀୟ ପ୍ରାଚୀନ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ରସୁଣ ଆମ ଶରୀର ପାଇଁ କିପରି ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ ତାହା ବର୍ଣ୍ଣନା କରାଯାଇଛି। ପ୍ରତିଦିନ କଞ୍ଚା ରସୁଣ ୧-୩ ପାଖୁଡ଼ା ଖାଲି ପେଟରେ ଖାଇଲେ ତାହା ଶରୀର ପାଇଁ ଉପକାରୀ । ଏଥିରେ ଆଣ୍ଟି ବ୍ୟାକ୍ଟେରିଆ ଓ ବେଦନାନାଶକ ଉପାଦାନ ରହିଛି। ଏହା ବଦ ହଜମି, ଥଣ୍ଡା, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଡାଇବେଟିସ୍ ଓ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ। କଞ୍ଚା ରସୁଣକୁ ଛୋଟ ଛୋଟ କରି କାଟି ଖାଇବା ଉଚିତ। କାରଣ ଏହି କଟା ରସୁଣ ବାୟୁ ସଂସ୍ପର୍ଶରେ ଆସିବା ଦ୍ୱାରା ଏଥିରେ ରହିଥିବା ଜୀବାଣୁନାଶକ ଦ୍ରବ୍ୟ ଅଧିକ କ୍ରିୟାଶୀଳ ହୋଇଥାଏ, ଯାହାକି ଆମ ଶରୀର ପାଇଁ ଯଥେଷ୍ଟ ଉପକାରୀ।

ହଳଦୀ: କଞ୍ଚାହଳଦୀକୁ ଶିଳରେ ବାଟି ବ୍ୟ ଛୋଟ ଗିଲ ସଦୃଶ କରି ୨ରୁ ୩ଟି ଏହି ଗୁଳା ଖାଲି ପେଟରେ ଖାଇବା ଦ୍ୱାରା ଶରୀରରେ କୃମି ନଷ୍ଟ ହୋଇଥାଏ। ତା'ସହ ବା ପେଟର ଯାବତୀୟ ରୋଗ ନଷ୍ଟ ହେବାସହ ରକ୍ତ ସା ପରିଷ୍କାର ରହିଥାଏ। ଏହା ଶରୀରରେ ଆଣ୍ଟିବାୟୋଟିକ୍ ସଦୃଶ କାମ କରିଥାଏ। କଞ୍ଚାହଳଦୀକୁ ପାଣିରେ ସିଝାଇ ଚାରି ଭାଗରୁ ଭାଗେ ବା ରହିବା ପରେ ସେଥିରେ ମହୁ ମିଶାଇ ପିଇବା ଦ୍ୱାରା ବହୁ ଉପକାର ମିଳିଥାଏ। କଞ୍ଚା ହଳଦୀରେ ୧୦-୧୨ ପ୍ରତିଶତ ଜଳ, ୪-୧୨ ପ୍ରତିଶତ ଫ୍ୟାଟି ଅଏଲ୍, ୪-୧୪ ପ୍ରତିଶତ ଏସେନ୍‌ସିଆଲ୍ ଅଏଲ, ୫-୧୩ ପ୍ରତିଶତ ମିନେରାଲ୍ସ ଏବଂ ୭୦ ପ୍ରତିଶତ କାର୍ବୋହାଇଡ୍ରେଟ୍ ଓ ଭିଟାମିନ୍-ଇ ମଧ୍ୟ ଥାଏ। ହଳଦୀ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

ଧନିଆ : ଧନିଆ ଓ ଧନିଆ ପତ୍ର ଖାଦ୍ୟ ତଥା ମସଲାରେ ବ୍ୟବହାର ବହୁ ପୁରାତନ। ଏହା ହୃଦ୍‌ରୋଗ, ପେଟ ରୋଗ, ଅଜୀର୍ଣ୍ଣ, ବାନ୍ତି, ପେଟରେ ଅମ୍ଳ ହେବା ତଥା ବିଭିନ୍ନ ଚର୍ମରୋଗକୁ ଦୂର କରିବାରେ ସାହାଯ୍ୟ କରିଥାଏ । ଧନିଆ ପତ୍ର ଖାଦ୍ୟପଦାର୍ଥର ବାସ୍ନା ଓ ସ୍ୱାଦ ବଢ଼ାଇ ଥାଏ।

ପାନମହୁରି : ଭାରତୀୟ ପାରମ୍ପରିକ ଚିକିତ୍ସା ଶାସ୍ତ୍ରରେ ପାନମହୁରିକୁ ଘରୋଇ ଔଷଧ ରୂପେ ବ୍ୟବହାର କରାଯାଇଥାଏ। ଏହା ଏକ ସୁଗନ୍ଧ, ରୁଚିକର, ସୁସ୍ୱାଦୁ ଦ୍ରବ୍ୟ। ଏହା ବିଭିନ୍ନ ପେଟରୋଗ, ଅମ୍ଳନାଶକ, ବାୟୁନାଶକ, କୋଷ୍ଠକାଠିନ୍ୟ, ପାଟିର ଦୁର୍ଗନ୍ଧ ଦୂର କରିବା ସହ ପାଟିର ବ୍ୟାକ୍ଟେରିଆକୁ ନଷ୍ଟ କରିଥାଏ। ପାନମହୁରିରେ ଆସ୍କିରିଟିକ୍ ଏସିଡ୍, ଭିଟାମିନ ସି, ଆମିନୋ ଏସିଡ୍, ମ୍ୟାଗ୍ନେସିୟମ୍, ମିନେରାଲ୍ ଆଦି ତତ୍ତ୍ୱ ରହିଛି। ଏହା ରକ୍ତଚାପ ସହ ଓଜନକୁ ମଧ୍ୟ ସନ୍ତୁଳିତ ରଖେ। ଏହାବ୍ୟତୀତ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

# ମଧୁମେହ ଥିବା ବ୍ୟକ୍ତିଙ୍କଲାଗି ଉପକାରୀ ସାଲାଡ୍



ଆମ ଦୈନନ୍ଦିନ ଖାଦ୍ୟ ତାଲିକାରେ ରହିଥାଏ ଭାତ, ଡାଲି, ରୁଟି, ତରକାରୀ କିମ୍ବା କୌଣସି ଅନ୍ୟାନ୍ୟ ଖାଦ୍ୟ । ଶରୀର ଲାଗି ରନ୍ଧା ଖାଦ୍ୟ ଯେତିକି ଜରୁରୀ କଞ୍ଚା ଖାଦ୍ୟର ମଧ୍ୟ ସେତିକି ଆବଶ୍ୟକତା ରହିଛି । କଞ୍ଚା ଖାଦ୍ୟ ବିଶେଷ କରି ସାଲାଡ୍ ଖାଇବାକୁ ସମସ୍ତେ ପସନ୍ଦ କରିଥାନ୍ତି । ଏହା ସ୍ୱାସ୍ଥ୍ୟ ଲାଗି ବେଶ୍ ଉପକାରୀ । ଏହା ଶରୀରକୁ ହାଇଡ୍ରେଟ୍ ରଖିବା ସହ ପୋଷକ,ତତ୍ତ୍ୱ ପ୍ରଦାନ କରିଥାଏ ।

ଉପକାର: ଆମ ଶରୀରରେ କ୍ୟାଲୋରି ପରିମାଣ ସନ୍ତୁଳନ ଲାଗି ସାଲାଡ୍ ଉପକାରୀ ହୋଇଥାଏ । ଏଥିସହ ଶରୀରରେ ଜଳୀୟ ଅଂଶକୁ ଏହା ସନ୍ତୁଳିତ ରଖେ ।

ମଧୁମେହ ସମସ୍ୟା ଥିବା ବ୍ୟକ୍ତିଙ୍କ ଲାଗି ସାଲାଡ୍ ଯୁକ୍ତ ଖାଦ୍ୟ ବେଶ୍ ଲାଭପ୍ରଦ ହୋଇଥାଏ । ଶରୀରରେ ସର୍କରା ପରିମାଣକୁ ସାଲାଡ୍ ସନ୍ତୁଳିତ କରି ଇନସୁଲିନ୍ ପରି କାମ କରିଥାଏ ।

ସାଲାଡରେ କଞ୍ଚା ପରିବା ବ୍ୟବହାର ହେଉଥିବାରୁ ଏହା ଶରୀରକୁ ମିନେରାଲର ଏକ ଉତ୍ତମ ସୋର୍ସ ଯୋଗାଇଥାଏ । ଫଳରେ ହାଡ଼ ଓ ମାଂସପେଶୀ ଜନିତ ସମସ୍ୟା ଦୂର ହୁଏ ।

ସାଲାଡ୍ ଖାଇଲେ ଦୃଷ୍ଟିଶକ୍ତି ପ୍ରଖର ହେବା ସହିତ ହଜମ ଶକ୍ତି ବୃଦ୍ଧି ପାଏ । ପର୍ଯ୍ୟାପ୍ତ ପରିମାଣରେ ନିଦ ହୁଏ । ଶରୀରକୁ ଉପଯୁକ୍ତ ପରିମାଣର ପୋଷକ ତତ୍ତ୍ୱ ମିଳିଥାଏ । ଏଥସହ ଓଜନ ମଧ୍ୟ କମ୍ ହୋଇଥାଏ ।

ଅନେକ ପ୍ରକାର ସାଲାଡ୍ ରହିଛି - ଯେପରି ଭେଜିଟେବଲ୍ ସାଲାଡ୍, କର୍ଣ୍ଣ ସାଲାଡ୍, ଏଗ୍ ସାଲାଡ୍, ଚଣା ସାଲାଡ୍, ସ୍କିନାଚ୍ ସାଲାଡ୍ ଆଦି । ଏସବୁରେ ଥିବା ପ୍ରୋଟିନ, ଫୋଲିକ୍ ଏସିଡ୍, ଭିଟାମିନ-ଇ, ଫାଇବର୍ ଆଦି ତତ୍ତ୍ୱ ସ୍ୱାସ୍ଥ୍ୟ ଲାଗି ଉପକାରୀ ହୋଇଥାଏ ।

ଅଣ୍ଡା, ଟମାଟୋ, ପିଆଜ, ରସୁଣ, ଲବଙ୍ଗ, କଳା ଲୁଣ, ଗୋଲମରିଚ, ଅଲିଭ୍ ଅଏଲ୍ ପଡିଥିବା ସାଲାଡ୍ ଖାଇବା ଦ୍ୱାରା ଶରୀରରେ ଫାଇବର ଅଭାବ ଦୂର ହୋଇଥାଏ । ଏଥିସହ ଅଲିଭ୍ ଅଏଲ, ଗୋଲମରିଚ ଓ ଲବଙ୍ଗ ପେଟ ସମସ୍ୟା ଯେପରି କୋଷ୍ଠକାଠିନ୍ୟ, ଗ୍ୟାସ୍ ଓ ପେଟ ଯନ୍ତ୍ରଣା ଦୂର କରିଥାଏ ।

କେବେ ଖାଇବେ ସାଲାଡ୍:- ଠିକ୍ ସମୟରେ ସାଲାଡ୍ ଖାଇଲେ ଶରୀରକୁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ପହଞ୍ଚିପାରିଥାଏ । ଏହାକୁ ଖାଇବା ଲାଗି ସର୍ବୋତ୍ତମ ସମୟ ହେଉଛି ସକାଳ ସମୟ । ଜଳଖିଆ ପୂର୍ବରୁ ସାଲାଡ୍ ଖାଇପାରିବେ । ସାଲାଡରେ ଫାଇବରର ମାତ୍ରା ଅଧିକ ଥାଏ । ତେଣୁ ଏହାକୁ ଖାଇଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗେ ନାହିଁ । ଏପରିସ୍ଥଳେ ଖାଦ୍ୟ ଖାଇବାର ଅଧ ଘଣ୍ଟା ପୂର୍ବରୁ ସାଲାଡ୍ କରି ଖାଆନ୍ତୁ । ଲଞ୍ଚ ପୂର୍ବରୁ ସାଲାଡ୍ ମଧ୍ୟ ଖାଇ ପାରିବେ । କିନ୍ତୁ ରାତ୍ରି ସମୟରେ ସାଲାଡ ନ ଖାଇବା ଭଲ । କାରଣ ସାଲାଡରେ ଥିବା ଫାଇବର ହଜମ ହେବା ଲାଗି ଅଧିକ ସମୟ ଲାଗିଥାଏ । ରାତ୍ରି ସମୟରେ ଶରୀର ବିଶ୍ରାମ କରିବା ପରିବର୍ତ୍ତେ ସାଲାଡ୍ ତନ୍ତ୍ରକୁ ହଜମ କରିବା ଲାଗି ଅନବରତ କାର୍ଯ୍ୟ କରିଥାଏ ।



# ନିଆରା ପ୍ରଜାପତି

**ପ୍ରଜାପତି କାହାକୁ ବା ସୁନ୍ଦର ନ ଲାଗେ ! ସେମାନଙ୍କ ଶରୀରର ଆକର୍ଷଣୀୟ ରଙ୍ଗ ହେଉ କିମ୍ବା ଗଠନଶୈଳୀ, ସବୁକିଛି କାହିଁକି କେଜାଣି ଭାରି ମନୋମୁଗ୍ଧକର ଲାଗେ । ଏଠାରେ ସେମିତି କେତୋଟି ଭିନ୍ନଭିନ୍ନ ପ୍ରକାରର ପ୍ରଜାପତି ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁମାନଙ୍କର ଆକର୍ଷଣୀୟ ଗଠନଶୈଳୀ ହିଁ ସେମାନଙ୍କୁ ଭିନ୍ନ ପରିଚିତି ଦେଇଛି...**

**ଶୁଖିଲା ପତ୍ର ପରି ପ୍ରଜାପତି:** ଇଣ୍ଡିଆନ୍ ଓକ୍‌ଲିଫ୍ ବା ଡେଡ୍ ଲିଫ୍ ବଟର୍‌ଫ୍ଲାଏ ଭାବେ ପରିଚିତ ଏହି ପ୍ରଜାପତିଟିର ଶାରୀରିକ ଗଠନ ଶୈଳୀ ଏମିତି ଭାବେ ହୋଇଥାଏ, ଯାହାକୁ ହଠାତ୍ ଦେଖିଲେ ଜଣେ ଆଶ୍ଚର୍ଯ୍ୟ ହୋଇଯିବ ଯେ, ଏହା ଏକ ପ୍ରଜାପତି ନା ଏକ ଶୁଖୁଲା ପତ୍ର । କାରଣ ଏହାର ଡେଣା ଦୁଇଟି ଅବିକଳ ଶୁଖୁଲା ପତ୍ର ଭଳି ଦେଖାଯାଇଥାଏ । ଏମାନେ ମୁଖ୍ୟତଃ ଏସିଆ ମହାଦେଶର ବିଭିନ୍ନ ଜଙ୍ଗଲରେ ଦେଖାଯାଇଥାଆନ୍ତି ।

**କାଚ ଡେଣା ଥିବା ପ୍ରଜାପତି:** ଗ୍ଲାସ୍‌ଉଇଙ୍ଗ ବଟରଫ୍ଲାଏ ବା ଟ୍ରାନ୍ସପରେଣ୍ଟ ବଟରଫ୍ଲାଏ ଭାବେ ଏହି ପ୍ରଜାପତି ବେଶ୍ ଜଣାଶୁଣା । ଏହାର ନାମ ଯେମିତି ଅବିକଳ, ଗଠନଶୈଳୀ ବି ଠିକ୍ ସେମିତି ହୋଇଥାଏ । ଅର୍ଥାତ୍ ଏହି ପ୍ରଜାପତିଟିର ଡେଣା କାଚ ଭଳି ସମ୍ପୂର୍ଣ୍ଣ ସ୍ୱଚ୍ଛ । ଫଳରେ ସହଜରେ କୌଣସି ପକ୍ଷୀ କିମ୍ବା ସରୀସୃପ ଏହାକୁ ଶିକାର କରିପାରନ୍ତି ନାହିଁ । କଲମ୍ବିଆ ଓ ମେକ୍ସିକୋରେ ଏମାନେ ବହୁଳ ମାତ୍ରାରେ ଦେଖାଯାଇଥାଆନ୍ତି ।

**ପେଚା ଆଖି ସଦୃଶ ପ୍ରଜାପତି:** ଏହା ଜିଆଣ୍ଟ ଓଲ୍ ଫରେଷ୍ଟ ବଟରଫ୍ଲାଏ ବା ଓଲ୍ ବଟରଫ୍ଲାଏ ଭାବେ ଜଣାଶୁଣା । ମୁଖ୍ୟତଃ ଏହି ପ୍ରଜାପତି ଡେଣାରେ ଅବିକଳ ପେଚାର ଆଖି ସଦୃଶ ଏକ ଦାଗ ରହିଥାଏ । ଖାସ୍ ଏହି ଦାଗ ପାଇଁ ହିଁ ଉକ୍ତ ପ୍ରଜାତିର ପ୍ରଜାପତିମାନେ ସେମାନଙ୍କ ଶତ୍ରୁକୁ ଭୁଆଁ ବୁଲାଇ ଦିଅନ୍ତି । ଏମାନେ ମୁଖ୍ୟତଃ ମଧ୍ୟ ଓ ଦକ୍ଷିଣ ଆମେରିକାରେ ଦେଖାଯାଇଥାଆନ୍ତି ।

**୮୮ ନମ୍ବରର ପ୍ରଜାପତି:** ଡେଣାରେ ଇଂରାଜୀ ନମ୍ବର ୮୮ର ଚିତ୍ର ଥିବା ଏହି ସ୍ୱତନ୍ତ୍ର ଧରଣର ପ୍ରଜାପତି ମଧ୍ୟ ଓ ଦକ୍ଷିଣ ଆମେରିକାରେ ବହୁଳ ଭାବରେ ଦେଖାଯାଇଥାଆନ୍ତି । ଏଣୁ ସେଇଥିପାଇଁ ଏହାର ନାମ ଏଇଟି ଏଇଟ୍ ବଟର୍‌ଫ୍ଲାଏ ରଖାଯାଇଛି ।

**ମୟୂର ଆଖି ଥିବା ପ୍ରଜାପତି:** ସମ୍ପୃକ୍ତ ପ୍ରଜାପତିର ରଙ୍ଗ ସାମାନ୍ୟ ହଳଦିଆ ହୋଇଥିଲେ ହେଁ ଏହାର ଡେଣାରେ ମୟୂରର ଆଖି ସଦୃଶ ଏକ ଦାଗ ରହିଥାଏ । ସେଇଥିପାଇଁ ଏହାର ନାମ ପିକକ୍ ପାସି ବା ପିକକ୍ ଆଇସ୍ପଟ୍ ବଟରଫ୍ଲାଏ ରଖାଯାଇଛି । ଏମାନେ ମୁଖ୍ୟତଃ ଦକ୍ଷିଣ ଏସିଆର ବିଭିନ୍ନ ସ୍ଥାନରେ ଦେଖାଯାଇଥାଆନ୍ତି ।

**ଜେବ୍ରା ଦେହର ଚିତ୍ର ଥବା ପ୍ରଜାପତି:** ଜେବ୍ରା ଦେହରେ ଯେମିତି କଳାଧଳା ଗାର ଥାଏ, ଅବିକଳ ସେହି ଡିଜାଇନ୍‌ର ଗାର ଏହି ପ୍ରଜାପତିର ଡେଣାରେ ରହିଥାଏ । ତା'ଛଡ଼ା ଅନ୍ୟ ପ୍ରଜାତିର ପ୍ରଜାପତିଙ୍କ ତୁଳନାରେ ଏହି ପ୍ରଜାପତିର ଡେଣା ଟିକେ ଲମ୍ବା । ସେଥିପାଇଁ ଏହା ଜେବ୍ରା ଲଙ୍ଗ୍‌ଉଇଙ୍ଗ୍ ବଟର୍‌ଫ୍ଲାଏ ନାମରେ ପରିଚିତ । ଏମାନେ ମଧ୍ୟ ଓ ଦକ୍ଷିଣ ଆମେରିକାରେ ଅଧିକ ଦେଖାଯାଇଥାନ୍ତି ।

**ନୀଳ ପ୍ରଜାପତି:** ଏହା ଏକପ୍ରକାର ବଡ଼ ତଥା ସୁନ୍ଦର ପ୍ରଜାପତି । କାରଣ ଏମାନଙ୍କ ଶରୀରର ରଙ୍ଗ ସମ୍ପୂର୍ଣ୍ଣ ନୀଳ ହେବା ସହ ଡେଣାର ଚତୁଃପାର୍ଶ୍ୱରେ ଛିଟଛିଟ କଳାଦାଗ ରହିଛି, ଯାହା ଏମାନଙ୍କୁ ଅଧିକ ସୁନ୍ଦର କରାଇଥାଏ । ସେଥିପାଇଁ ଏମାନଙ୍କୁ ବ୍ଲୁ ମର୍ଥ୍ୟ କୁହାଯାଏ । ଏମାନେ ମୁଖ୍ୟତଃ ମଧ୍ୟ ଓ ଦକ୍ଷିଣ ଆମେରିକାର ବିଭିନ୍ନ ଜଙ୍ଗଲରେ ଦେଖାଯାଇଥା'ନ୍ତି ।

**ସ୍ୱାଲୋଟେଲ୍ ବଟରଫ୍ଲାଏ:** ଏମାନଙ୍କ ଡେଣାର ତଳଭାଗରେ ଟିକେ ଲାଞ୍ଜ ଥିଲା ଭଳି ଦେଖାଯାଉଥିବାରୁ ଉକ୍ତ ପ୍ରଜାପତିର ଏପରି ନାମକରଣ ହୋଇଥିବା ବିଶ୍ୱାସ କରାଯାଏ । ବିଶ୍ୱରେ ଏମାନେ ପ୍ରାୟ ୫୫୦ ପ୍ରକାରର ଦେଖାଯାଇଥା'ନ୍ତି । ତେବେ ଏହି ପ୍ରଜାତିର ସବୁଜ ରଙ୍ଗର ପ୍ରଜାପତିଟି ମୁଖ୍ୟତଃ ଦକ୍ଷିଣ-ପୂର୍ବ ଏସିଆରେ ଦେଖାଯାଇଥାଆନ୍ତି ।

**ସିନା ଆଞ୍ଜେଲ୍:** ଏହି ପ୍ରଜାପତିଙ୍କର ମଧ୍ୟ ଟ୍ରାନ୍ସପରେଣ୍ଟ ଡେଣା ରହିଛି, କିନ୍ତୁ ଏହାର ମଝିରେ ମଝିରେ ଲମ୍ବାଲମ୍ବା କଳା ଗାର ବି ଅଛି । ତା'ଛଡ଼ା ସିଲ୍‌ଫିନା ଆଞ୍ଜେଲ୍ ନାମରେ ପରିଚିତ ଏହି ପ୍ରଜାପତିଙ୍କର ଟିକେ ଲମ୍ବା ଲାଞ୍ଜ ଥିବା ମଧ୍ୟ ଦେଖାଯାଇଥାଏ । ଏମାନେ ଅଧିକାଂଶ ସମୟ ଗଛର ପତ୍ର ଆଡୁଆଳରେ ରହିବାକୁ ପସନ୍ଦ କରିଥା'ନ୍ତି ଏବଂ ସୂର୍ଯ୍ୟଙ୍କର ପ୍ରଖର କିରଣ ପଡ଼ିବା ସମୟରେ ହିଁ କେବଳ ଏମାନେ ଉଡ଼ିଥାନ୍ତି ଓ ଖାଦ୍ୟ ସଂଗ୍ରହ କରିଥାଆନ୍ତି ।

**ଆପୋଲୋ ବଟରଫ୍ଲାଏ:** ସମ୍ପୃକ୍ତ ପ୍ରଜାପତିଙ୍କର ସୁନ୍ଦର ଧଳାରଙ୍ଗର ଡେଣା ଥାଏ ଏବଂ ତା' ଉପରେ ୪ଟି ନାଲି ରଙ୍ଗର ଛୋଟଛୋଟ ଆଖି ସଦୃଶ ଦାଗ ରହିଥାଏ, ଯାହା ଏମାନଙ୍କୁ ଆକର୍ଷଣୀୟ ଲୁକ୍ ଦେଇଥାଏ । ଏମାନେ ମୁଖ୍ୟତଃ ଫ୍ରାନ୍ସ, ସ୍ପେନ୍, ଇଟାଲୀରେ ଦେଖାଯାଇଥା'ନ୍ତି ।





# ବାୟୁଜନିତ ରୋଗ



ବର୍ଦ୍ଧିତ କଳକାରଖାନା ଓ ଯାନବାହାନରୁ ନିର୍ଗତ କାର୍ବନ୍ ମନୋକ୍ସାଇଡ୍ ଭଳି ବିଷାକ୍ତ ଗ୍ୟାସ୍ ଯୋଗୁଁ ଆଜମା, ସିଓପିଡି, ଏପରିକି ଫୁସଫୁସ୍ କ୍ୟାନସର ଭଳି ରୋଗ ହୋଇଥାଏ । ବାୟୁଜନିତ ରୋଗରୁ ନିଜକୁ ରକ୍ଷା କରିବା ପାଇଁ ମାସ୍କ ପିନ୍ଧିବା ଦରକାର । ଆଜମା ବା ଶ୍ୱାସରୋଗୀ ସାଲବୁଟାମଲ ଭଳି ବ୍ରଙ୍କୋଡାଇଲେଟର ଔଷଧ ଖାଇବା ସହିତ ଧୂଳିଧୂଆଁ ତଥା ଅଧିକ ଥଣ୍ଡା ବାତାବରଣଠାରୁ ନିଜକୁ ଦୂରେଇ ରଖିବା ଉଚିତ । ଘରେ ଅମ୍ଳଜାନ ସିଲିଣ୍ଡର ରଖି ଆବଶ୍ୟକ ସ୍ଥଳେ ଶୁଙ୍ଘିବେ । ଆବଶ୍ୟକ ସ୍ଥଳେ ସଲବୁଟାମଲ୍ ଇନ୍‌ହେଲର ମଧ୍ୟ ବ୍ୟବହାର କଲେ ଉପଶମ ମିଳେ । କାଶରେ ରକ୍ତ ପଡୁଥିଲେ, କଫ ନମୁନା ନେଇ ପରୀକ୍ଷା କରିବେ, ଆବଶ୍ୟକସ୍ଥଳେ ଛାତିଫଟୋ ଉଠାଇ ଡାକ୍ତରଙ୍କ ପରାମର୍ଶ ନେବେ । ଏବେ ତ ଛଅମାସ ନିୟମିତ ଔଷଧ ଖାଇଲେ ଯକ୍ଷ୍ମା ସମ୍ପୂର୍ଣ୍ଣ ଭଲ ହେଉଛି । ସେହିପରି ବାୟୁ ପ୍ରଦୂଷଣରୁ ଫୁସଫୁସ୍ କ୍ୟାନସର ହେବାର ଆଶଙ୍କା ରହିଥାଏ । ଏଠାରେ କହିବା ବାହୁଲ୍ୟ ଯେ ଅତ୍ୟଧିକ ଯାନବାହାନ ତଥା କଳକାରଖାନାରୁ ନିର୍ଗତ କାର୍ବନ୍ ମନୋକ୍ସାଇଡ୍ ଯୋଗୁଁ ପୃଥିବୀର ଚତୁଃପାର୍ଶ୍ୱରେ ଗ୍ରୀନ୍ ହାଉସ୍‌ର ସମୀକରଣ ବିଗିଡ଼ି ଯାଏ । ଯାହା ଯୋଗୁଁ ଆମେ ଗ୍ଲୋବାଲ୍ ୱାର୍ମିଂର ଶୀକାର ହେଉଛୁ । ଅନ୍ତରୀକ୍ଷଯାନ ମଧ୍ୟ ଓଜୋନସ୍ତରକୁ ନଷ୍ଟ କରୁଥିରୁ ସୂର୍ଯ୍ୟଙ୍କଠାରୁ ଆସୁଥିବା ଅଲ୍‌ଟ୍ରାଭାୟୋଲେଟ ରଶ୍ମି ସିଧାସଳଖ ଆମଠାରେ ପହଞ୍ଚିଥାଏ ।

# ଆଣ୍ଟିବାୟୋଟିକ୍ ଖାଉଥିଲେ...

କେତେକ ରୋଗରୁ ଉପଶମ ପାଇବା ଲାଗି ଡାକ୍ତର ଔଷଧ ସହ ଆଣ୍ଟିବାୟୋଟିକ୍ ଖାଇବାକୁ ପରାମର୍ଶ ଦେଇଥାଆନ୍ତି । ରୋଗର କାରଣକୁ ଭଲ ଭାବରେ ତର୍ଜମା କରି ସେ ଏଭଳି ନିଷ୍ପତ୍ତି ନେଇଥାଆନ୍ତି । ତେଣୁ କୌଣସି ରୋଗ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରୁଥିବା ବେଳେ ନିଜର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ତାଙ୍କୁ ବିଶଦ ଭାବରେ ଅବଗତ କରାନ୍ତୁ । କେତେକ ବ୍ୟକ୍ତି ରୋଗରୁ ଉପଶମ କରିବା ମାତ୍ରେ ଆଣ୍ଟିବାୟୋଟିକ୍ ଖାଇବା ମନକୁ ମନ ବନ୍ଦ କରିଦିଅନ୍ତି । ହେଲେ ଏଭଳି ଅଭ୍ୟାସ ବଦଳାନ୍ତୁ । ଏ ନେଇ ମନରେ କିଛି ପ୍ରଶ୍ନ ଥିଲେ ଡାକ୍ତରଙ୍କ ସହ ପୁନଃ ପରାମର୍ଶ କରନ୍ତୁ । ଯେତେଦିନ ପର୍ଯ୍ୟନ୍ତ ସେ ଆଣ୍ଟିବାୟୋଟିକ୍ ଖାଇବାକୁ ପରାମର୍ଶ ଦେଇଛନ୍ତି ତାହାକୁ ସେପର୍ଯ୍ୟନ୍ତ ଚାଲୁ ରଖନ୍ତୁ । ଔଷଧ ବିଷୟରେ ମନରେ କିଛି ବି ପ୍ରଶ୍ନ ଆସୁଥିଲେ ସେଗୁଡ଼ିକୁ ପରାମର୍ଶ ସମୟରେ ହିଁ ସମାଧାନ କରନ୍ତୁ । ସବୁଠାରୁ ଖାସ୍ କଥା ହେଲା, ଆଣ୍ଟିବାୟୋଟିକ୍ ମନକୁ ମନ କିଣି ଖାଆନ୍ତୁ ନାହିଁ । ଏହାପୂର୍ବରୁ ନିଶ୍ଚୟ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।



# ଭାଗ୍ୟ ବଦଳାଇବ ଘଣ୍ଟା

କେଉଁ ଘଣ୍ଟା ଅଶୁଭ: ଜ୍ୟୋତିଷଙ୍କ ଅନୁସାରେ ଚମଡା ବେଲ୍ଟ ଓ ରବର ବ୍ୟାଣ୍ଡ ଥିବା ଘଣ୍ଟା ହାତରେ ପିନ୍ଧିବା ଏକଦମ ମନା। ଏହାଦ୍ୱାରା ନେଗେଟିଭ୍ ଏନର୍ଜୀ ଉତ୍ପନ୍ନ ହୋଇଥାଏ। ଏପରି ଘଣ୍ଟାକୁ ଅଶୁଭ ବୋଲି ଧରି ନିଆଯାଏ। ଏହାକୁ ପିନ୍ଧିବା ଦ୍ୱାରା ଜୀବନରେ ନାନା ସମସ୍ୟା ସବୁ ଆସିଥାଏ।

ମେଟାଲ ଚେନଯୁକ୍ତ ଘଣ୍ଟା ପିନ୍ଧନ୍ତୁ: ମହିଳା ବା ପୁରୁଷ ଉଭୟେ ମେଟାଲ ଚେନ ଯୁକ୍ତ ଘଣ୍ଟା ପିନ୍ଧିବା ଉଚିତ। ଏହା ଶୁଭ ଫଳଦାୟୀ ବୋଲି କୁହାଯାଏ।

> **ଘଣ୍ଟା ନିର୍ଜୀବ ହୋଇଥିଲେ ହେଁ, ଗତିଶୀଳ। ଏହାର ଗତି ଓ ଶବ୍ଦରୁ ପଜେଟିଭ ଏନର୍ଜୀ ଉତ୍ପନ୍ନ ହୋଇଥାଏ, ଯାହା ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିଥାଏ।**

କିଏ କେଉଁ ଘଣ୍ଟା ପିନ୍ଧିବା ଉଚିତ: ଯେଉଁ ବ୍ୟକ୍ତିଙ୍କ ଭାଗ୍ୟ ଅଙ୍କ ୧ରୁ ଆରମ୍ଭ ସେହି ବ୍ୟକ୍ତି ଗୋଲଡେନ୍ କଲର ମେଟାଲ ଚେନ୍ ଯୁକ୍ତ ଘଣ୍ଟା ପିନ୍ଧିବା ଭଲ। ଏହା ଆପଣଙ୍କ ଲାଗି ଉନ୍ନତି ଆଣିଥାଏ। ଏହି ଘଣ୍ଟା ଆପଣ ରବିବାର ପିନ୍ଧିବା ଉଚିତ।

ଭାଗ୍ୟ ଅଙ୍କ ଦୁଇ : ଯେଉଁ ବ୍ୟକ୍ତିଙ୍କ ଭାଗ୍ୟ ଅଙ୍କ ଦୁଇ ସେମାନେ ସିଲଭର ବା ହ୍ୱାଇଟ୍ କଲର ଘଣ୍ଟା ପିନ୍ଧିବା ଉଚିତ। ଏହାକୁ ଆପଣ ସୋମବାର ପିନ୍ଧିବା ଭଲ।

ଭାଗ୍ୟ ଅଙ୍କ ତିନି: ଯେଉଁ ମାନଙ୍କ ଭାଗ୍ୟ ଅଙ୍କ ୩ ଏମାନେ ଗୋଲଡେନ କଲର ରିଷ୍ଟ୍ ୱାଚ୍ ପିନ୍ଧିବା ଶୁଭ। ଏହାକୁ ଗୁରୁବାର ପିନ୍ଧନ୍ତୁ।

ଭାଗ୍ୟ ଅଙ୍କ ୪: ଏହି ବ୍ୟକ୍ତିମାନେ ମେଟାଲିକ ଗ୍ରେ କଲର ୱାଚ ଶନିବାର ପିନ୍ଧିବା ଶୁଭ।

ଭାଗ୍ୟ ଅଙ୍କ ୫ : ଏହି ବ୍ୟକ୍ତିମାନେ ସିଲଭର ଓ ଗୋଲଡେନ୍ ମିକ୍ସ କଲରଯୁକ୍ତ ରିଷ୍ଟ ୱାଚ ପିନ୍ଧନ୍ତୁ । ଏହାକୁ ବୁଧବାର ପିନ୍ଧିବା ଶୁଭ।

ଭାଗ୍ୟ ଅଙ୍କ ୬ : ଭାଗ୍ୟ ଅଙ୍କ ୬ ଥିବା ବ୍ୟକ୍ତି ଶୁକ୍ରବାର ଦିନ ଗୋଲଡେନ୍ କଲର ଘଣ୍ଟା ପିନ୍ଧିବା ଶୁଭ ।

ଭାଗ୍ୟ ଅଙ୍କ ୭: ଏହି ଭାଗ୍ୟ ଅଙ୍କର ବ୍ୟକ୍ତି ଗୋଲଡେନ୍ ୱାଚ୍ ଶନିବାର ପିନ୍ଧିବା ଶୁଭ।

ଭାଗ୍ୟ ଅଟେ ୮: ଏହି ବ୍ୟକ୍ତିମାନେ କଳା ରଙ୍ଗର ବେଲ୍ଟ ହାତରେ ବାନ୍ଧିବା ଶୁଭ। ଏହାକୁ ଶନିବାର ପିନ୍ଧନ୍ତୁ।

ଭାଗ୍ୟ ଅଙ୍କ ୯: ଏହି ବ୍ୟକ୍ତିମାନେ ରୋଜ ଗୋଲ୍ଡ ବା କପର କଲର ରିଷ୍ଟ ୱାଚ୍ ପିନ୍ଧନ୍ତୁ । ଏହା ମଙ୍ଗଳବାର ଦିନ ପିନ୍ଧିବା ଉଚିତ।

ସଠିକ୍ ସମୟ ଉପରେ ଗୁରୁତ୍ୱ ଦିଅନ୍ତୁ

ଘଣ୍ଟା ପିନ୍ଧିବା ସମୟରେ ପ୍ରଥମେ ରାଇଟ୍ ଟାଇମ ଉପରେ ଗୁରୁତ୍ୱ ଦିଅନ୍ତୁ। ଆପଣଙ୍କ ଘଣ୍ଟାରେ ସମୟ ଆଗକୁ କିମ୍ବା ପଛକୁ ରଖନ୍ତୁ ନାହିଁ। ଆପଣଙ୍କ ମୂଲ୍ୟାଙ୍କ ଅନୁସାରେ, ସଠିକ୍ ସମୟରେ ଘଣ୍ଟା ପିନ୍ଧନ୍ତୁ। ଆପଣଙ୍କ ସମସ୍ତ କାମ ଠିକ୍ ସମୟରେ ହୋଇଯିବ। ଜୀବନରେ ସମସ୍ତ ସକାରାତ୍ମକ ଶକ୍ତି ମିଳିବ ଖରାପ ସମୟ ଚାଲିଯିବ।

# ଗୁଡ଼ି ସଂଗ୍ରହାଳୟ

**ସଂଗ୍ରହାଳୟ ତ ଅନେକେ ଦେଖିଥିବେ ଆଉ ଜାଣିଥିବେ, ହେଲେ ଗୁଡ଼ି ସଂଗ୍ରହାଳୟ ସମ୍ପର୍କରେ ହୁଏତ ଖୁବ୍ କମ୍ ଲୋକ ଅବଗତ ଥିବେ। ଗୁଜରାଟର ଅହମ୍ମଦାବାଦରେ ଅଛି ସେମିତି ଏକ ଗୁଡ଼ି ସଂଗ୍ରହାଳୟ, ଯେଉଁଠାରେ ପର୍ଯ୍ୟଟକ ବିଭିନ୍ନ ଆକୃତିର, ବିଭିନ୍ନ ଡିଜାଇନ୍‌ର ଅନେକ ଗୁଡ଼ି ଦେଖିବାର ସୁଯୋଗ ପାଇପାରିବେ...**

ଗୁଜରାଟର ଅହମ୍ମଦାବାଦରେ ଥିବା ଗୁଡ଼ି ସଂଗ୍ରହାଳୟଟି ହେଉଛି ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଏଠାରେ ପର୍ଯ୍ୟଟକ ବିଭିନ୍ନ ଆକୃତି, ବିଭିନ୍ନ ଡିଜାଇନ୍ ତଥା ବିଭିନ୍ନ ପ୍ରକାର ବସ୍ତୁକୁ ବ୍ୟବହାର କରି ତିଆରି ହୋଇଥିବା ଅନେକ ଭିନ୍ନ ଧରଣର ଗୁଡ଼ି ଦେଖିବାକୁ ପାଇଥାନ୍ତି। ଖାସ୍‌କରି ଏହି ସଂଗ୍ରହାଳୟରେ ସ୍ଥାନ ପାଇଥିବା ମିରର୍ ୱାର୍କ ଗୁଡ଼ି, ୧୬ ଫୁଟ ଉଚ୍ଚତା ବିଶିଷ୍ଟ ଗୁଡ଼ି (ଯେଉଁଥିରେ ଗୁଜରାଟର ଲୋକପ୍ରିୟ ଗରବା ନୃତ୍ୟକୁ ଦର୍ଶାଯାଇଛି), ବ୍ଲକ୍ ଷ୍ଟାଇଲ୍ ଗୁଡ଼ି, ରାଧାକୃଷ୍ଣ ଗୁଡ଼ି ତଥା ବିଭିନ୍ନ ଦେଶର ଗୁଡ଼ି ଇତ୍ୟାଦି ହେଉଛି ମୁଖ୍ୟ ଆକର୍ଷଣ। ସେହିପରି ବିଭିନ୍ନ ପ୍ରକାର ଫୁଲ, କୀଟପତଙ୍ଗ, ପଶୁ, ପକ୍ଷୀ, ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କର ଚିତ୍ର ଥିବା ତଥା ବିଭିନ୍ନ କାର୍ଟୁନ କ୍ୟାରେକ୍ଟରକୁ ନେଇ ପ୍ରସ୍ତୁତ ଅନେକ ଗୁଡ଼ିକୁ ମଧ୍ୟ ଏହି ସଂଗ୍ରହାଳୟରେ ସ୍ଥାନ ଦିଆଯାଇଛି। ତେବେ ପର୍ଯ୍ୟଟକ ଏଠାରେ ବିଭିନ୍ନ ପ୍ରକାରର ତିଆରି ଗୁଡ଼ିକୁ ଦେଖିବା ସମେତ ଗୁଡ଼ିର ଅନେକ ଚିତ୍ରକୁ ବି ବୁଲି ଦେଖିପାରିବେ ତା'ସହିତ ଗୁଡ଼ି ତିଆରିର ଇତିହାସ ସମ୍ପର୍କରେ ମଧ୍ୟ ବହୁ ତଥ୍ୟ ଏଠାରେ ଜାଣିପାରିବେ।



## ସଂଗ୍ରହାଳୟର ଇତିହାସ

ସୂଚନାନୁଯାୟୀ, ୧୯୫୪ ମସିହାରେ ସଂସ୍କାର କେନ୍ଦ୍ର ନାମରେ ଏକ ସଂଗ୍ରହାଳୟ ଏଠାରେ ପ୍ରତିଷ୍ଠା ହୋଇଥିଲା, ଯେଉଁଠାରେ ମୁଖ୍ୟତଃ ଅହମ୍ମଦାବାଦର ଇତିହାସ, କଳା, ସଂସ୍କୃତି ତଥା ବାସ୍ତୁକଳା ସମ୍ପର୍କରେ ଅନେକ ତଥ୍ୟ ଜାଣି ହେଉଥିଲା। ପ୍ରସିଦ୍ଧ ବାସ୍ତୁକାର ତଥା ଚିତ୍ରକାର ଲେ କୋର୍ବୁଜିଏ ଏହି ସଂଗ୍ରହାଳୟର ଡିଜାଇନ୍ କରିଥିଲେ ହେଁ ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ଅହମ୍ମଦାବାଦ୍ ମ୍ୟୁନିସିପାଲ୍ କର୍ପୋରେଶନ୍ ଉପରେ ରହିଥିଲା। ପରବର୍ତ୍ତୀ ସମୟରେ ଏହି ସଂଗ୍ରହାଳୟ ଭିତରେ ଆଉ ଗୋଟିଏ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯାଇଥିଲା, ଯେଉଁଥିରେ କେବଳ ବିଭିନ୍ନ ପ୍ରକାରର ଗୁଡ଼ିକୁ ସ୍ଥାନ ଦେବାର ଯୋଜନା ରହିଲା। ଏହା ସେତେବେଳେ ସମ୍ଭବ ହେଲା, ଯେତେବେଳେ ଭାନୁଭାଇ ଶାହ ନାମକ ଜଣେ ବ୍ୟକ୍ତି ତାଙ୍କ ପାଖରେ ସାଇତି ରଖିଥିବା ବିଭିନ୍ନ ଗୁଡ଼ିକୁ ଆଣି ଏହି ସଂଗ୍ରହାଳୟକୁ ଦାନ କରିଥିଲେ। ଗୁଡ଼ି ସଂଗ୍ରହ କରିବାର ନିଶା ତାଙ୍କୁ ଏମିତି ଘାରିଥିଲା ଯେ, ସେ ବିଭିନ୍ନ ସ୍ଥାନ ବୁଲି ଭିନ୍ନ ଭିନ୍ନ ରଙ୍ଗ ତଥା ସାଇଜର ଗୁଡ଼ି ସଂଗ୍ରହ କରୁଥିଲେ ଆଉ ତାକୁ ସାଇତି ରଖୁଥିଲେ। ଯେତେବେଳେ ସେ ଏହି ସଂଗ୍ରହାଳୟ ବିଷୟରେ ଅବଗତ ହେଲେ ସେତେବେଳେ ସିଏ ତାଙ୍କର ସମସ୍ତ ଗୁଡ଼ିକୁ ଆଣି ଏଠାରେ ଦେଇ ଯାଇଥିଲେ। କାରଣ ସେ ଭଲ ଭାବେ ଜାଣିଥିଲେ ଯେ, ତାଙ୍କ ପାଖେ ଥିବା ସମସ୍ତ ଗୁଡ଼ି ଏହି ସଂଗ୍ରହାଳୟରେ ହିଁ ବହୁଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିବ। ବାସ୍ ସେବେଠାରୁ ଗୁଡ଼ି ସଂଗ୍ରହାଳୟଟି ସଂସ୍କାର କେନ୍ଦ୍ରର ଏକ ସ୍ୱତନ୍ତ୍ର ବିଭାଗ ଭାବେ ପରିଚାଳିତ ହୋଇଚାଲିଛି ଏବଂ ଧୀରେ ଧୀରେ ଏଥରେ ଆହୁରି ଅନେକ ଗୁଡ଼ି ବି ସାମିଲ ହୋଇଛି। ଆଉ ଏହାର ଦାୟିତ୍ୱ ମଧ୍ୟ ଅହମ୍ମଦାବାଦ୍ ମ୍ୟୁନିସିପାଲ୍ କର୍ପୋରେଶନ୍ ବୁଝୁଛି।



## କେବେ ଯିବେ

ଏହି ଗୁଡ଼ି ସଂଗ୍ରହାଳୟଟି ପ୍ରତି ସୋମବାର ତଥା ସମସ୍ତ ସରକାରୀ ଛୁଟିଦିନରେ ବନ୍ଦ ରହିଥାଏ। ବାକି ଅନ୍ୟ ଦିନମାନଙ୍କରେ ଏହା ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏବଂ ପୁନର୍ବାର ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ଯାଏ ଖୋଲା ରୁହେ।



## ଜାଣିବା କଥା

ଏହି ଗୁଡ଼ି ସଂଗ୍ରହାଳୟକୁ ପ୍ରବେଶ କରିବା ପାଇଁ ପର୍ଯ୍ୟଟକଙ୍କୁ କୌଣସି ଫିସ୍ ଦେବାକୁ ପଡ଼େନାହିଁ। କିନ୍ତୁ ଫଟୋ ଉଠାଇବା ପାଇଁ ଏଠାରେ କାହାକୁ ବି ଅନୁମତି ନ ଥାଏ।

# ମହାଭାରତରୁ ଶିକ୍ଷା

ମହର୍ଷି ବ୍ୟାସଦେବଙ୍କ ଦ୍ୱାରା ଲିଖିତ, ଅଷ୍ଟାଦଶ ପର୍ବଯୁକ୍ତ ଏକ ବିରାଟ, ଅସାଧାରଣ, ସୁନ୍ଦର ମହାକାବ୍ୟ ମହାଭାରତ। ଏଥିରେ ବେଦର ନିଗୂଢ଼ ତତ୍ତ୍ୱ, ଉପନିଷଦର ବ୍ୟାଖ୍ୟା, ଇତିହାସ, ପୁରାଣ, ନ୍ୟାୟ, ଦର୍ଶନ, ଶିକ୍ଷା, ରାଜନୀତି, ଧର୍ମନୀତି, ସମାଜନୀତି, ସୈନ୍ୟ ପରିଚାଳନା, ବ୍ୟୂହରଚନା ଆଦି ବିବିଧ ପ୍ରସଙ୍ଗ ସୁନ୍ଦର ଭାବରେ ବର୍ଣ୍ଣିତ। ପରଂବ୍ରହ୍ମ ତତ୍ତ୍ୱ ପ୍ରତିପାଦନ ଏହାର ଅନ୍ୟତମ ପ୍ରତିପାଦ୍ୟ ବିଷୟ। ଏହା ପଞ୍ଚମ ବେଦ ନାମରେ ନାମିତ। ମହାଭାରତ ଯୁଦ୍ଧ ଅବସରରେ ମଧ୍ୟମ ପାଣ୍ଡବ ଅର୍ଜୁନଙ୍କ ସାରଥି ଭାବରେ ଶ୍ରୀକୃଷ୍ଣ ଉପଦେଶ ଛଳରେ ଯେଉଁ ନିଗୂଢ଼ ଆଧ୍ୟାତ୍ମିକ ତତ୍ତ୍ୱ ସମ୍ବଳିତ ଉପଦେଶ ପ୍ରଦାନ କରିଛନ୍ତି ତାହା 'ଭଗବତ୍ ଗୀତା' ନାମରେ ପ୍ରସିଦ୍ଧ। ଧର୍ମ, ଅର୍ଥ, କାମ, ମୋକ୍ଷ- ଏହି ଚତୁର୍ବର୍ଗ ମହାଭାରତରେ ପ୍ରତିପାଦିତ। ଆଚରଣରେ କିଭଳି ଧର୍ମୀୟ ଭାବଧାରା ପ୍ରତିଫଳିତ ହେବା ଉଚିତ, ମହାଭାରତରୁ ଏହି ବିଶେଷ ଶିକ୍ଷା ଆମକୁ ମିଳିଥାଏ। କୌରବମାନଙ୍କର ଅଶିଷ୍ଟ, ନୀତିହୀନ ଆଚରଣ, ଔଦ୍ଧତ୍ୟ ହିଁ ସେମାନଙ୍କ ବଂଶ ଧ୍ୱଂସର କାରଣ ହେଲା ଯାହା ଏଥିରେ ସୁନ୍ଦର ଭାବରେ ବର୍ଣ୍ଣିତ।ଧର୍ମର ଉଦ୍ଦେଶ୍ୟ ଫଳଦାୟକ ହୋଇଥାଏ ଯାହାକୁ ଆମେ ଦେଖିପାରୁ, ନ ପାରୁ, କିନ୍ତୁ ଏହା ବହୁତ ମହତ୍ତ୍ୱପୂର୍ଣ୍ଣ, ଫଳଦାୟୀ। ଧର୍ମମୟ ଆଚରଣର ଫଳ ତତ୍କାଳ ଆମକୁ ମିଳି ନ ପାରେ କିମ୍ବା ଅନୁଭୂତ ହୋଇ ନପାରେ, କିନ୍ତୁ ପରବର୍ତ୍ତୀ ସମୟରେ ଏହାର ପ୍ରଭାବ ଉପଲବ୍ଧି କରି ହୋଇଥାଏ। ଧର୍ମର ଜୟ ନିଶ୍ଚିତ- ମହାଭାରତ ଏହି ଶିକ୍ଷା ଦେଇଥାଏ ଆମକୁ।

## ବାଂଲାଦେଶର ଦାବି ଖାରଜ କଲା ଆଇସିସି

# ଭାରତରେ ହିଁ ବିଶ୍ୱକପ୍ ଖେଳିବାକୁ ହେବ

ନୂଆଦିଲ୍ଲୀ: ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ଟି-୨୦ ବିଶ୍ୱକପ୍ ଭେନ୍ୟୁ ପରିବର୍ତ୍ତନ ଦାବିକୁ ଖାରଜ କରିଦେଇଛି। ଆଇସିସି ସ୍ପଷ୍ଟ କରିଛି ଯେ ବାଂଲାଦେଶକୁ ନିଜର ସମସ୍ତ ଲିଗ୍ ମ୍ୟାଚ୍ ଭାରତରେ ହିଁ ଖେଳିବାକୁ ପଡ଼ିବ। ନଚେତ୍ ପଏଣ୍ଟ୍ ହରାଇବାକୁ ପଡ଼ିବ। ଭାରତୀୟ ମିଡ଼ିଆ ରିପୋର୍ଟରେ ଏହି ଦାବି କରାଯାଇଛି। ତେବେ ବିସିବି ବୁଧବାର ବୟାନ୍ ଜାରିକରି ଏହି ରିପୋର୍ଟକୁ ଖାରଜ କରିଛି। ବୋର୍ଡ କହିଛି, ଆଇସିସି ଭାରତରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ଆମ ଚିନ୍ତାକୁ ଦୂର କରିବା ପାଇଁ



ଆମ ସହିତ ମିଶି କାମ କରିବାକୁ ପ୍ରସ୍ତୁତ ଅଛି। ଟୁର୍ଣ୍ଣାମେଣ୍ଟରେ ବାଂଲାଦେଶର ପୂର୍ଣ୍ଣ ଏବଂ ଅବାଧ ଅଂଶଗ୍ରହଣ ନିଶ୍ଚିତ କରିବାରେ ଆଇସିସି ପ୍ରତିଶ୍ରୁତିବଦ୍ଧ। ବିସିବି ସଭାପତି ଅମିନୁଲ୍ ଇସ୍ଲାମ୍ ଏହି ଅବସରରେ ଭାରତ-ପାକିସ୍ତାନ ହାଇବ୍ରିଡ୍ ମଡେଲ୍‌ର ଉଦାହରଣ ଦେଇଛନ୍ତି। ଖେଳାଳିଙ୍କ ସୁରକ୍ଷାକୁ ସବୁଠୁ ବଡ଼ ଚିନ୍ତା ବୋଲି ଦର୍ଶାଇ ବାଂଲାଦେଶର ମ୍ୟାଚ୍ ସହିତ ଏପରି କରାଯିବା ଆବଶ୍ୟକ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ବୁଧବାର ସନ୍ଧ୍ୟାରେ ବାଂଲାଦେଶ ଅନ୍ତରୀଣ ସରକାରର ଖେଳ ପରାମର୍ଶଦାତା ଆସିଫ୍ ନଜରୁଲ୍ ଏକ ପ୍ରେସ୍ କନ୍‌ଫରେନ୍ସ କରି କହିଛନ୍ତି, ଆମେ ଆଇସିସିକୁ ଏହା ବୁଝାଇବାକୁ ଚାହୁଁ କି ଭାରତରେ ଆମର ଖେଳିବା ପାଇଁ ଅନୁକୂଳ ପରିବେଶ ନାହିଁ। ଆଜି ରାତି କିମ୍ବା କାଲି ସକାଳେ ଆମେ ଶକ୍ତିଶାଳୀ ତର୍କ ସହିତ ଆଇସିସି ଆଗରେ ଆମ ଯୁକ୍ତି ରଖିବୁ ଯେ ବାଂଲାଦେଶର ସୁରକ୍ଷା, ସମ୍ମାନ ଏବଂ ଗରିମା ସହିତ ଆମେ କୌଣସି ବୁଝାମଣା କରିପାରିବୁ ନାହିଁ। ଆମେ କ୍ରିକେଟ୍ ବିଶ୍ୱକପ୍ ନିଶ୍ଚୟ ଖେଳିବାକୁ ଚାହୁଁଛୁ।

## ଆଥ୍‌ଲେଟିକ୍ସରୁ ଜିନ୍‌ସନ୍ ଜାନ୍‌ସେନ୍‌ଙ୍କ ଅବସର ଘୋଷଣା

ନୂଆଦିଲ୍ଲୀ: ଏସୀୟ କ୍ରୀଡ଼ାର ସ୍ୱର୍ଣ୍ଣ ପଦକ ବିଜେତା ଏବଂ ଜାତୀୟ ରେକର୍ଡଧାରୀ ମିଡିଲ୍ ରେସ୍ ଧାବକ ଜିନ୍‌ସନ୍ ଜନ୍‌ସନ୍ ବୁଧବାର ସନ୍ନ୍ୟାସ ଘୋଷଣା କରିଛନ୍ତି। ୩୪ ବର୍ଷୀୟ କେରଳର ଏହି ଆଥ୍‌ଲେଟ୍ ସୋସିଆଲ୍ ମିଡିଆରେ ଏକ ଭାବୁକ ପୋଷ୍ଟ୍ ଜରିଆରେ ୧୫ ବର୍ଷର ଲମ୍ବା କ୍ୟାରିୟର୍‌ର ସମାପ୍ତି ଘୋଷଣା କରିଛନ୍ତି। ଏଥିରେ ସେ ଲେଖିଛନ୍ତି କୋଲ୍‌କାତାରେ ଏକ ସ୍ୱପ୍ନ ଦେଖିବାକୁ ବାଳକ ରୂପେ ଆରମ୍ଭ ହୋଇଥିବା ଏହି ଯାତ୍ରା ହାଙ୍ଗ୍‌ଝୋଉ ଏସୀୟ କ୍ରୀଡ଼ାର ପୋଡିୟମ୍‌ରେ ପହଞ୍ଚିଛି। ଧନ୍ୟବାଦ ଆଥ୍‌ଲେଟିକ୍ସ। ୨୦୧୮ ଜାନ୍‌ସନ୍‌ଙ୍କ କ୍ୟାରିୟର୍‌ର ସବୁଠୁ ସ୍ମରଣୀୟ ବର୍ଷ ଥିଲା। ଏହି ବର୍ଷ ସେ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ୧୫୦୦ ମିଟର ଦୌଡ଼ରେ ୩ ମିନିଟ୍ ୪୪.୭୨ ସେକେଣ୍ଡ୍ ସମୟ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ପ୍ରତିଯୋଗିତାରେ ସେ ୮୦୦ ମିଟରରେ ରୌପ୍ୟ ପଦକ ମଧ୍ୟ ଜିତିଥିଲେ। ସେହିପରି ସେ ଗୁଆହାଟୀରେ ଆୟୋଜିତ ଜାତୀୟ ଆନ୍ତଃ-ରାଜ୍ୟ ଚାମ୍ପିଅନ୍‌ଶିପ୍‌ରେ ମହାନ୍ ଶ୍ରୀରାମ ସିଂହଙ୍କ ୪୨ ବର୍ଷର ପୁରୁଣା ୮୦୦ ମିଟର ଜାତୀୟ ରେକର୍ଡ ଭଙ୍ଗ କରିଥିଲେ। ୨୦୧୮ ଗୋଲ୍ଡକୋଷ୍ଟ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ୩:୩୭.୮୬ ସମୟ ସହ ୧୫୦୦ ମିଟରରେ ବାହାଦୁର ପ୍ରସାଦଙ୍କ ୨୩ ବର୍ଷ ପୁରୁଣା ଜାତୀୟ ରେକର୍ଡ ଭଙ୍ଗ କରିଥିଲେ। ପରେ ସେ ୨୦୧୯ରେ ବର୍ଲିନ୍ ମିଟ୍‌ରେ ୩:୩୫.୨୪ ସେକେଣ୍ଡ୍ ସମୟ ସହ ନିଜ ରେକର୍ଡରେ ସୁଧାର କରିଥିଲେ। ନିଜ କ୍ୟାରିୟର୍ ସମ୍ପର୍କରେ ଜାନ୍‌ସନ୍ କହିଛନ୍ତି, 'ଦୁଇଟି ଜାତୀୟ ରେକର୍ଡ ଭାଙ୍ଗିବା ଏବଂ ଭାରତୀୟ ଆଥ୍‌ଲେଟିକ୍ସରେ ଯୋଗଦାନ ଦେବା ମୋ ଜୀବନର ସବୁଠୁ ଗର୍ବର କ୍ଷଣ ମଧ୍ୟରେ ଅନ୍ୟତମ।' ୨୦୧୯ ପରେ ଭୋଡ୍-୧୯ ଏବଂ ଗୁରୁତର ଏଚିଲିଜ୍ ଟେଣ୍ଡନ୍ ଆଘାତ ତାଙ୍କ କ୍ୟାରିୟର୍‌କୁ ଗୁରୁତର ଝଟ୍‌କା ଦେଇଥିଲା। ୨୦୨୩ରେ ହାଙ୍ଗ୍‌ଝୋଉ ଏସୀୟ କ୍ରୀଡ଼ାରେ ୧୫୦୦ ମିଟରରେ ବ୍ରୋଞ୍ଜ୍ ପଦକ ଜିତିଥିଲେ।

## ସିଡ୍‌ନୀ ଟେଷ୍ଟ୍: ୫ ୱିକେଟ୍‌ରେ ଜିତିଲା ଅଷ୍ଟ୍ରେଲିଆ

ସିଡ୍‌ନୀ: ସିଡ୍‌ନୀରେ ଖେଳାଯାଇଥିବା ଚଳିତ ଆଶେସ୍ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ଟେଷ୍ଟ୍‌ରେ ଅଷ୍ଟ୍ରେଲିଆ ୫ ୱିକେଟ୍‌ରେ ଇଂଲଣ୍ଡକୁ ହରାଇ ସିରିଜ୍ ୪-୧ରେ ନିଜ ନାମରେ କରିଛି। ଇଂଲଣ୍ଡ ଦ୍ୱିତୀୟ ଇନିଂସ୍‌ରେ ଅଷ୍ଟ୍ରେଲିଆ ଆଗରେ ୧୬୦ ରନ୍‌ର ଲକ୍ଷ୍ୟ ରଖିଥିଲା, ଯାହାକୁ ଘରୋଇ ଟିମ୍ ପଞ୍ଚମ ଦିନର ଟି ବ୍ରେକ୍ ପୂର୍ବରୁ ହିଁ ହାସଲ କରିନେଇଛି। ଅନ୍ୟପକ୍ଷରେ ଉସ୍‌ମାନ୍ ଖ୍ୱାଜା ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡ୍‌ରେ ନିଜର କ୍ୟାରିୟର୍‌ର ଶେଷ ଟେଷ୍ଟ୍ ଖେଳିଛନ୍ତି। ଖ୍ୱାଜା ସିଡ୍‌ନୀ ଟେଷ୍ଟ୍ ପୂର୍ବର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଥିଲେ।

ମ୍ୟାଚ୍‌ର ଅନ୍ତିମ ଦିନ ଇଂଲଣ୍ଡ ୩୦୨/୮ ସ୍କୋର୍‌ରୁ ଅସମାପ୍ତ ଦ୍ୱିତୀୟ ଇନିଂସ୍ ଆଗକୁ ଖେଳିଥିଲା। ମାତ୍ର ପୂରା ଟିମ୍ ୩୪୨ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଏହା ସହିତ ଅଷ୍ଟ୍ରେଲିଆକୁ ବିଜୟ ପାଇଁ ୧୬୦ ରନ୍‌ର ଲକ୍ଷ୍ୟ ମିଳିଥିଲା। କଙ୍ଗାରୁ ଟିମ୍ ୫ ୱିକେଟ୍ ହରାଇ ୩୧.୨ ଓଭର୍‌ରେ ଏହା ହାସଲ କରିନେଇଛି। ଏହା ପୂର୍ବରୁ ଇଂଲଣ୍ଡ ପ୍ରଥମ ଇନିଂସ୍‌ରେ ୩୮୪ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ଶତକ ସହାୟତାରେ ୫୬୭ ରନ୍‌ର ବିଶାଳ ସ୍କୋର୍ ଛିଡ଼ା କରିବା ସହିତ ୧୮୩ ରନ୍‌ରେ ଆଗୁଆ ରହିଥିଲା। ହେଡ୍‌ଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଏବଂ ମିଚେଲ୍ ଷ୍ଟାର୍କ (ସର୍ବାଧିକ ୩୧ ୱିକେଟ୍)ଙ୍କୁ ପ୍ଲେୟର୍ ଅଫ୍ ଦ ସିରିଜ୍ ବିବେଚିତ କରାଯାଇଛି।

ଅନ୍ତିମ ଦିନ ୧୬୦ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଅଷ୍ଟ୍ରେଲିଆ ୧୨୧ ରନ୍‌ରେ ୫ ୱିକେଟ୍ ହରାଇଥିଲା। ଟ୍ରାଭିସ୍ ହେଡ୍ ୨୯, ଜ୍ୟାକ୍ ୱେଦରାଲ୍ଡ ୩୭ ରନ୍ କରିଥିବା ବେଳେ ମାର୍ନସ୍ ଲାବୁଶେନ୍ ୩୭ ରନ୍‌ରେ ରନ୍‌ଆଉଟ୍ ହୋଇଥିଲେ। କ୍ୟାପ୍‌ଟେନ୍ ଷ୍ଟିଭ୍ ସ୍ମିଥ୍ ୧୨ ରନ୍ କରିଥିବା ବେଳେ କ୍ୟାରିୟର୍‌ର ଅନ୍ତିମ ଟେଷ୍ଟ୍‌ରେ ଉସ୍‌ମାନ୍ ଖ୍ୱାଜା ୬ ରନ୍ କରି ଆଉଟ୍ ହୋଇଥିଲେ।

## ମହିଳା ପ୍ରିମିୟର୍ ଲିଗ୍ ଆରମ୍ଭ: ଉଦ୍‌ଘାଟନୀ ମ୍ୟାଚ୍‌ରେ ଜିତିଲା ବେଙ୍ଗାଲୁରୁ

ନଭି ମୁମ୍ବାଇ: ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ର ୪ର୍ଥ ସିଜନ୍ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ପୂର୍ବତନ ଚାମ୍ପିଅନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୩ ୱିକେଟ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦେଇଛି। ନଭି ମୁମ୍ବାଇର ଡିୱାଇ ପାଟିଲ୍ ଏକାଡେମୀରେ ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ୬ ୱିକେଟ୍ ହରାଇ ୧୫୪ ରନ୍ କରିଥିଲା। ଜବାବରେ ଆର୍‌ସିବି ୭ ୱିକେଟ୍ ବିନିମୟରେ ୧୫୭ ରନ୍ କରି ବିଜୟୀ ହୋଇଛି। ଆର୍‌ସିବି ବିଜୟରେ ସାଉଥ୍ ଆଫ୍ରିକା ଅଲ୍‌ରାଉଣ୍ଡର୍ ନାଦିନ୍ ଡି କ୍ଲାର୍କ ପ୍ରମୁଖ ଭୂମିକା ତୁଲାଇଛନ୍ତି। ଡିକ୍ଲାର୍କ ଅନ୍ତିମ ଓଭର୍‌ରେ ଆବଶ୍ୟକ ୧୮ ରନ୍ କରି ଟିମ୍‌କୁ ବିଜୟୀ କରାଇଛନ୍ତି।

ଲକ୍ଷ୍ୟର ପିଛା କରୁଥିବା ଆର୍‌ସିବି ଜୋର୍‌ଦାର ଆରମ୍ଭ ଥିଲା। କ୍ୟାପ୍‌ଟେନ୍ ସ୍ମୃତି ମନ୍ଧାନା ଓ ଗ୍ରେସ୍ ହାରିସ୍ ୩.୫ ଓଭର୍‌ରେ ୪୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ମନ୍ଧାନା (୧୮ ରନ୍)ଙ୍କୁ ଆଉଟ୍ କରି ଶବନିମ ଇସ୍ମାଇଲ୍ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ମନ୍ଧାନାଙ୍କ ଆଉଟ୍ ପରେ ହାରିସ୍‌ଙ୍କୁ ବ୍ୟକ୍ତିଗତ ୨୫ ରନ୍‌ରେ ନାଟ୍ ସାଇବର୍-ବ୍ରଣ୍ଟ୍ ପ୍ୟାଭିଲିୟନ୍ ଫେରାଇଥିଲେ। ହେମଲତା (୭), ରାଧା ଯାଦବ (୬) ଓ ରିଚା ଘୋଷ (୧ ରନ୍) ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ରିଚା ଆଉଟ୍ ହେବା ବେଳକୁ ଆର୍‌ସିବି ସ୍କୋର୍ ୫ ୱିକେଟ୍‌ରେ ୬୫ ରନ୍ ଥିଲା। ଏହାପରେ ନାଦିନ୍ ଡି କ୍ଲାର୍କ ଓ ଅରୁନ୍ଧତି ରେଡ୍ଡୀ ୬ଷ୍ଠ ୱିକେଟ୍ ପାଇଁ ୫୧ ବଲ୍‌ରେ ୫୨ ରନ୍ ଯୋଡ଼ି ଟିମ୍‌ର ଆଶା ଉଜ୍ଜୀବିତ ରଖିଥିବା ବେଳେ ଅରୁନ୍ଧତି (୨୦ ରନ୍)ଙ୍କୁ ଆଉଟ୍ କରି ନିକୋଲା କେରୀ ଏହି ଯୋଡ଼ି ଭାଙ୍ଗିଥିଲେ। ପରେ ନିକୋଲା ଓଭର୍‌ର ଶେଷ ବଲ୍‌ରେ ଶ୍ରେୟଙ୍କା ପାଟିଲ୍ (୧ ରନ୍)ଙ୍କୁ ମଧ୍ୟ ଆଉଟ୍ କରିଥିଲେ। ଶେଷ ଓଭର୍ ବୋଲିଂ ପାଇଁ ଆସିଥିବା ସିଭର୍-ବ୍ରଣ୍ଟଙ୍କ ପ୍ରଥମ ଦୁଇଟି ବଲ୍ ଡଟ୍ ରହିଥିଲା। ଏହାପରେ ଡି କ୍ଲାର୍କ ଦୁଇଟି ଲେଖାଏଁ ଛକା ଓ ଚୌକା ମାରି ଟିମ୍‌କୁ ଶେଷ ବଲ୍‌ରେ ବିଜୟୀ କରାଇଥିଲେ। ଡି କ୍ଲାର୍କ ୪୪ ବଲ୍‌ରେ ୭ ଚୌକା ଓ ୨ ଛକା ସହାୟତାରେ ୬୩ ରନ୍ କରି ପ୍ରେମା ରାୱତ୍ (୮ ରନ୍)ଙ୍କ ସହ ଅପରାଜିତ ରହିଥିଲେ। ମୁମ୍ବାଇ ପକ୍ଷରୁ ନିକୋଲା କେରୀ ଓ ଆମେଲିଆ କେର୍ ୨-୨ ଏବଂ ସିଭର୍-ବ୍ରଣ୍ଟ୍ ଓ ଇସ୍ମାଇଲ୍ ୧-୧ ୱିକେଟ୍ ନେଇଥିଲେ। ୬୩ ରନ୍ ସହ ୪ଟି ୱିକେଟ୍ ନେଇଥିବା ଡି କ୍ଲାର୍କ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ୩୫ ରନ୍‌ର ସ୍କୋର୍‌ରେ ଆମେଲିଆ କେର୍(୪ରନ୍) ଏବଂ ନାଟ୍ ସାଇବର୍-ବ୍ରଣ୍ଟ୍ (୪ ରନ୍)ଙ୍କ ରୂପରେ ଦୁଇଟି ବଡ଼ ୱିକେଟ୍ ହରାଇଥିଲା। ଏହାପରେ ୨୮ ବଲ୍‌ରେ ୩ ଛକା ଓ ଗୋଟିଏ ଛକା ସହାୟତାରେ ୩୨ ରନ୍ କରି ସେଟ୍ ହୋଇଆସୁଥିବା ଜି କମଲିନୀଙ୍କୁ ବୋଲ୍ଡ କରି ଶ୍ରେୟଙ୍କା ପାଟିଲ୍ ଟିମ୍‌କୁ ତୃତୀୟ ଝଟ୍‌କା ଦେଇଥିଲେ। କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ କୌର୍ ବ୍ୟକ୍ତିଗତ ୨୦ ରନ୍‌ରେ ନାଦିନ୍ ଡି କ୍ଲାର୍କଙ୍କ ଶିକାର ହୋଇଥିଲେ। ଏହାପରେ ସଜୀବନ ସଜନା ଏବଂ ନିକୋଲା କେରୀ ୫ମ ୱିକେଟ୍ ପାଇଁ ୮୨ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ଉନ୍ନତ ସ୍କୋର୍‌ରେ ପହଞ୍ଚିବାରେ ସହାୟତା କରିଥିଲେ। ସଜନା ୭ ଚୌକା ଓ ଗୋଟିଏ ଛକା ସହାୟତାରେ ୨୫ ବଲରେ ୪୫ ରନ୍ ଏବଂ କେରୀ ୨୯ ବଲ୍‌ରେ ୪ ଚୌକା ବଳରେ ୪୦ ରନ୍ କରି ଡି କ୍ଲାର୍କଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଆର୍‌ସିବି ପକ୍ଷରୁ ନାଦିନ୍ ଡି କ୍ଲାର୍କ ୪ଟି ୱିକେଟ୍ ନେଇଥିବା ବେଳେ ଲୌରେନ୍ ବେଲ୍ ଓ ଶ୍ରେୟଙ୍କା ପାଟିଲ୍‌ଙ୍କୁ ୧-୧ ସଫଳତା ମିଳିଥିଲା। ମ୍ୟାଚ୍ ପୂର୍ବରୁ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଡବ୍ଲ୍ୟୁପିଏଲ୍-୪ର ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ଗାୟକ ହନି ସିଂହ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିସ୍ ପରଫର୍ମ କରିଥିଲେ। ଏହି ଅବସରରେ ପୂର୍ବତନ ମିସ୍ ୟୁନିଭର୍ସ ହରନାଜ୍ ସନ୍ଧୁ ମଧ୍ୟ ଉପସ୍ଥିତ ଥିଲେ।

## ମାଲେସିଆ ଓପନ୍ ସେମିରେ ପିଭି ସିନ୍ଧୁ

କ୍ୱାଲାଲମ୍ପୁର: ଭାରତର ଷ୍ଟାର୍ ଶଟ୍‌ଲର୍ ଏବଂ ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ଶୁକ୍ରବାର ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ସୁପର୍ ୧୦୦୦ ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ଡବଲ୍ସରେ ସାତ୍ୱିକସାଇରାଜ ରାଙ୍କୀରେଡ୍ଡୀ ଏବଂ ଚିରାଗ ସେଟ୍ଟୀଙ୍କ ଭାରତୀୟ ଯୋଡ଼ି କ୍ୱାର୍ଟର୍ ଫାଇନାଲ୍‌ରେ ହାରି ବିଦାୟ ନେଇଛନ୍ତି।

ଖେଳାଯାଇଥିବା ମହିଳା ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ସିନ୍ଧୁ ତିନିଥରର ବିଶ୍ୱ ଚାମ୍ପିଅନ୍ ତଥା ତୃତୀୟ ସିଡ୍ ଜାପାନର ଅକାନେ ୟାମାଗୁଚି ଭେଟିଥିଲେ। ସିନ୍ଧୁ କେବଳ ୧୧ ମିନିଟ୍‌ରେ ପ୍ରଥମ ଗେମ୍ ୨୧-୧୧ରେ ନିଜ ନାମରେ କରିଥିଲେ। ଏହା ପରେ ୟାମାଗୁଚି ଆଣ୍ଠୁରେ ଆଘାତ କାରଣରୁ ମ୍ୟାଚ୍‌ରୁ ଓହରି (ରିଟାୟର୍ଡହର୍ଟ) ଯାଇଥିଲେ। ଫଳରେ ସିନ୍ଧୁଙ୍କୁ ସେମିଫାଇନାଲ୍ ଟିକେଟ୍ ମିଳିଛି। ଏହି ବିଜୟ ଫଳରେ ୟାମାଗୁଚିଙ୍କ ବିପକ୍ଷରେ ବିଶ୍ୱର ନଂ-୧୮ ସିନ୍ଧୁଙ୍କ ହେଡ୍-ଟୁ-ହେଡ୍ ରେକର୍ଡ ୧୫-୧୨ ହୋଇଛି। ଆଠ ବର୍ଷ ପରେ ମାଲେସିଆ ଓପନ୍ ସେମିଫାଇନାଲ୍‌ରେ ପ୍ରବେଶ କରିଥିବା ସିନ୍ଧୁ ପରବର୍ତ୍ତୀ ମ୍ୟାଚ୍‌ରେ ଇଣ୍ଡୋନେସିଆର ପୁତ୍ରୀ କୁସୁମା ୱାର୍‌ଦାନି କିମ୍ବା ୬ଷ୍ଠ ସିଡ୍ ଚୀନ୍‌ର ୱାଙ୍ଗ୍ ଝି ୟି'ଙ୍କୁ ଭେଟିବେ। ପୁରୁଷ ଡବଲ୍ସରେ ଭାରତର ସାତ୍ୱିକ୍‌ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଯୋଡ଼ି କ୍ୱାର୍ଟର୍ ଫାଇନାଲ୍‌ରେ ୬ଷ୍ଠ ସିଡ୍ ଇଣ୍ଡୋନେସିଆର ଫଜର୍ ଆଲ୍‌ଫିୟାନ୍ ଏବଂ ମୁହମ୍ମଦ ଶୋହିବୁଲ୍ ଫିକ୍ରିଙ୍କଠାରୁ ୨୧-୧୦, ୨୩-୨୧ରେ ପରାଜିତ ହୋଇ ଟୁର୍ଣ୍ଣାମେଣ୍ଟ୍‌ରୁ ବାଦ୍ ପଡ଼ିଛନ୍ତି।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।

ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

**TARIFF**
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜା ସମୀର ମହାପାତ୍ର**